ଆଜି - ଶନିବାର
ତାରିଖ - ୧୬ ନଭେମ୍ବର ୨୦୨୪
ମାସ - ବିଛା, ଦିନ - ୦୧
ତିଥି - ଚତୁର୍ଦ୍ଦଶୀ , ପକ୍ଷ - କୃଷ୍ଣ
ନକ୍ଷତ୍ର - ପ୍ରତିପଦ, କୃତିକା, ବୃଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୬:୦୦:୦୦
ସୂର୍ଯ୍ୟାସ୍ତ - ୫:୦୩:୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


" ଯେସାକୁ ତେସା ବା ହିଂସାର ପ୍ରତିଶୋଧ ହିଂସାଚରଣରେ ନିଆଯିବା ଭଳି ନୀତି ଦିନେ ସାରା ବିଶ୍ୱକୁ ମାନବଶୂନ୍ୟ କରିଦେବ " ॥

- ମହାତ୍ମା ଗାନ୍ଧୀ


E-News : www.theajikali.com

Vol.- 39 ISSUE- 212 R.N.I. REGD. No. 44026/86 ବାଲେଶ୍ୱର ୧୬ ନଭେମ୍ବର ୨୦୨୪ ଶନିବାର BALASORE 16 NOVEMBER 2024 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବାର୍ଷିକ ଉତ୍ସବର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଜନଜାତୀୟ ଗୌରବ ଦିବସ ଅବସରରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ବାର୍ଷିକ ଉତ୍ସବର ଶୁଭାରମ୍ଭ କରିବା ସହ ବିହାରର ଜାମୁଇଠାରେ ପାଖାପାଖି ୬୬୪୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିଛନ୍ତି । ଭାରତର ବିଭିନ୍ନ ଜିଲ୍ଲାରେ ଆଦିବାସୀ ଦିବସ ସମାରୋହରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମଗ୍ର ଭାରତବର୍ଷରୁ ଅଭାସୀ ମାଧ୍ୟମରେ ଯୋଗ ଦେଇଥିବା ଅଗଣିତ ଆଦିବାସୀ ଭାଇ ଭଉଣୀଙ୍କୁ ସେ ସ୍ୱାଗତ କରିଥିଲେ । କାର୍ତ୍ତିକ ପୂର୍ଣ୍ଣମୀ, ଦେବ ଦୀପାବଳି ଏବଂ ଶ୍ରୀ ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପାଳନ କରାଯାଉଛି ବୋଲି ଶ୍ରୀ ମୋଦୀ ଆଜିର ଦିନକୁ ଅତ୍ୟନ୍ତ ପବିତ୍ର ଦିନ ବୋଲି ବର୍ଣ୍ଣନା କରିବା ସହ ଏଥିପାଇଁ ଭାରତବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯାଉଥିବାରୁ ଆଜି ନାଗରିକଙ୍କ ପାଇଁ ଏକ ଐତିହାସିକ ଦିନ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ସେ ଭାରତର ନାଗରିକ ଏବଂ ବିଶେଷ କରି ଆଦିବାସୀ ଭାଇ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଆଜିର ଜନଜାତୀୟ ଗୌରବ ଦିବସର ପୂର୍ବସୂଚୀ



ଭାବରେ ଜାମୁଇରେ ଗତ ୩ ଦିନ ମଧ୍ୟରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ସ୍ୱଚ୍ଛତା ଅଭିଯାନ ପାଇଁ ସେ ପ୍ରଶାସନ, ଜାମୁଇର ନାଗରିକ ଏବଂ ବିଶେଷ କରି ମହିଳା ମାନଙ୍କ ଭଳି ବିଭିନ୍ନ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଥିଲେ । ଗତବର୍ଷର ଜନଜାତୀୟ ଗୌରବ ଦିବସରେ ସେ ଧାରତି ଆଭା ବିର୍ସା ମୁଣ୍ଡାଙ୍କ ଜନ୍ମଗ୍ରାମ ଉଲିହାଟୁରେ ଥିବା କଥା ମନେ ପକାଇ ଶ୍ରୀ ମୋଦୀ କହିଥିଲେ ଯେ ଚଳିତ ବର୍ଷ ସେ ସହିଦ ତିଲକା ମାଝୀଙ୍କ ସାହସିକତାର ସାକ୍ଷୀ ଥିଲେ ଏବଂ ଦେଶ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଆରମ୍ଭ କରୁଥିବାରୁ ଏହି ଅବସର ଅଧିକ ସ୍ୱତନ୍ତ୍ର ଥିଲା । ଆଗାମୀ ବର୍ଷ ବ୍ୟାପି ଏହି ଉତ୍ସବ ଚାଲିବ ବୋଲି ସେ କହିଛନ୍ତି । ବିହାରର ଜାମୁଇଠାରେ ଆଜିର କାର୍ଯ୍ୟକ୍ରମରେ ଭର୍ଚୁଆଲ ଭାବେ ଯୋଗ ଦେଇଥିବା ବିଭିନ୍ନ ଗ୍ରାମର ୧ କୋଟି ଲୋକଙ୍କୁ ପ୍ରଧାନମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ । ବିର୍ସା ମୁଣ୍ଡା, ବୁଦ୍ଧରାମ ମୁଣ୍ଡା ଓ ସିଦ୍ଧୁ କାହ୍ନୁଙ୍କ ବଂଶଧର ଶ୍ରୀ ମଣ୍ଡଳ ମୁର୍ମୁଙ୍କୁ ସ୍ୱାଗତ କରି ସେ ଆନନ୍ଦିତ ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଜି ୬୬୪୦ କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍ ଘାଟନ ଓ ଶିଳାନ୍ୟାସ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଆଦିବାସୀ ପିଲାଙ୍କ ଭବିଷ୍ୟତର ଉନ୍ନତି ପାଇଁ ଆଦିବାସୀଙ୍କ ପାଇଁ ପକ୍କା ଘର, ସ୍କୁଲ ଓ ହଷ୍ଟେଲ, ଆଦିବାସୀ ମହିଳାଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା, ଆଦିବାସୀ ଅଂଚଳକୁ ସଂଯୋଗ କରୁଥିବା ସଡ଼କ ପ୍ରକଳ୍ପ, ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ଆଦିବାସୀ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର ପାଇଁ ପ୍ରାୟ ଦେଢ଼ ଲକ୍ଷ ଅନୁମୋଦନ ପତ୍ର ରହିଛି । ଦେବ ଦୀପାବଳି ଅବସରରେ ଆଦିବାସୀଙ୍କ ପାଇଁ ୧୧,୦୦୦ ଆବାସ ନିର୍ମାଣ କରାଯାଇଛି ବୋଲି ଶ୍ରୀ ମୋଦୀ କହିଥିଲେ । ଏହି ଅବସରରେ ସେ ସମସ୍ତ ଆଦିବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଜିର ଜନଜାତୀୟ ଗୌରବ ଦିବସ ପାଳନ ଏବଂ ଜନଜାତୀୟ ଗୌରବ ବର୍ଷ ଆରମ୍ଭ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଯେ ଏହି ଉତ୍ସବ ଏକ ବଡ଼ ଐତିହାସିକ ଅନ୍ୟାୟକୁ ସୁଧାରିବା ପାଇଁ ଏକ ସଚ୍ଚୋଟ ପ୍ରୟାସ । ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଆଦିବାସୀମାନେ ସମାଜରେ ସେମାନଙ୍କର ଉପଯୁକ୍ତ ମାନ୍ୟତା ପାଇନାହାଁନ୍ତି । ଆଦିବାସୀ ସମାଜର ଅବଦାନ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଆଦିବାସୀ ସମାଜ ହିଁ ରାଜକୁମାର ରାମଙ୍କୁ ଭଗବାନ ରାମରେ ପରିଣତ କରିବା ସହ ଭାରତର ସଂସ୍କୃତି ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ଶହ ଶହ ବର୍ଷ ଧରି ସଂଗ୍ରାମର ନେତୃତ୍ୱ ନେଇଥିଲା ।

## ଜନଜାତୀୟ ଗୌରବ ଦିବସ ଅବସରରେ ୧୫୩୫ କୋଟି ଟଙ୍କା ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଭୁବନେଶ୍ୱରରେ ମହାସମାରୋହରେ ପାଳିତ ହୋଇଛି ଜନଜାତୀୟ ଗୌରବ ଦିବସ । ଦେଶ ବ୍ୟାପୀ ପାଳିତ ହେଉଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉତ୍ସବ ବିହାରର ଜାମୁଇ ଠାରେ ପାଳନ କରାଯାଇଥିବା ବେଳେ ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜନଜାତି ମାନଙ୍କ ବିକାଶ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପର ଭିତିପ୍ରସ୍ତର ରଖିଛନ୍ତି । କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବିର୍ସା ମୁଣ୍ଡା ଆମ ସ୍ୱାଧୀନତା ସଂଗ୍ରାମର ଏକ ଅନନ୍ୟ ଯୋଦ୍ଧା । ବିର୍ସା ମୁଣ୍ଡାଙ୍କ ସଂଗ୍ରାମର କାହାଣୀ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ଓ ରହିବ ବୋଲି ସେ କହିଥିଲେ । ଆଦିବାସୀ ମାନଙ୍କ ଉନ୍ନତି ପାଇଁ ତାଙ୍କ ଅବଦାନକୁ ଦେଶ ଓ ଜାତି କେବେ ଭୁଲିବ ନାହିଁ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ହେଉଛି ଆମ ଜନଜାତି ସମ୍ପ୍ରଦାୟଙ୍କ ସମୃଦ୍ଧ ପରମ୍ପରାକୁ ସମ୍ମାନ ଜଣାଇବାର ଦିବସ । ଏହି ଅବସରରେ ସେ ମହାନ୍ ସଂଗ୍ରାମୀ ଶହୀଦ୍ ଲକ୍ଷ୍ମଣ ନାୟକ, ରନ୍ନା ନାୟକ, ଚକରା ବିଷୋଇ, ଦୋରା ବିଷୋଇ, ରେଣ୍ଡୋ ମାଝୀଙ୍କ ପରି ଦେଶ ଭକ୍ତଙ୍କ ବଳୀଦାନ ଓ ତ୍ୟାଗକୁ



ମଧ୍ୟ ସ୍ମରଣ କରିଥିଲେ । ଏହି ମହାନ୍ ସଂଗ୍ରାମୀ ମାନେ ଆମ ଦେଶର ଇତିହାସ ଓ ସଂସ୍କୃତିକୁ ନୂତନ ରୂପ ଦେବାରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ବୋଲି ସେ କହିଥିଲେ । ବିର୍ସା ମୁଣ୍ଡାଙ୍କ ସ୍ମୃତିକୁ ଉଜ୍ଜିବୀତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଆଜି ଜନଜାତୀୟ ଗୌରବ ଦିବସର ପବିତ୍ର ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ବିହାରର ଜାମୁଇଠାରେ ଉପସ୍ଥିତ ରହି 'ଧର୍ତ୍ତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା' ଅଧୀନରେ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରୁଛନ୍ତି । ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଛି ଜନଜାତି ସମ୍ପ୍ରଦାୟଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବନ ଜୀବିକା ଓ ଭିତିଭୂମି କ୍ଷେତ୍ରରେ ରହିଥିବା ତାରତମ୍ୟକୁ ଦୂରକରି ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା । ଓଡିଶାର ୨୭ଟି ଜିଲ୍ଲାର ୭ ହଜାର ୬ ଶହ ୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଏହି ଅଭିଯାନର ସଫଳ ରୂପାୟନ ପାଇଁ ଆମେ ସକ୍ରିୟଭାବେ କାମ କରୁଛୁ । ଏହି ସମସ୍ତ ଗ୍ରାମରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ଜନଜାତିଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ୧୫୩୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତିପ୍ରସ୍ତର ରଖିଛନ୍ତି । ଏଥିରେ ୧୬ଟି ଆଶ୍ରମ ସ୍କୁଲକୁ ହାଇସ୍କୁଲକୁ ଉନ୍ନୀତ କରାଯିବ । ପ୍ରତ୍ୟେକ ସ୍କୁଲ ପିଛା ୧୫କୋଟି ଟଙ୍କା ଭାବରେ ସମୁଦାୟ ୨୪୦ କୋଟି ଟଙ୍କା ବିନିଯୋଗ କରାଯିବ । ସେହିପରି ୧୩ଟି ମାଧ୍ୟମିକ ବିଦ୍ୟାଳୟକୁ ମଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯିବ । ଏଥିପାଇଁ ପ୍ରତ୍ୟେକ ସ୍କୁଲ ପିଛା ୨୨ କୋଟି ଟଙ୍କା ହିସାବରେ ୨୮୬ କୋଟି ଟଙ୍କା ବିନିଯୋଗ ହେବ । ୪୨୬ଟି ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲ ନିର୍ମାଣ ପାଇଁ ୮୫୨ କୋଟି ଟଙ୍କା ଖର୍ଚ୍ଚ କରାଯିବ ।

## ଅଳ୍ପରେ ଖବର

» ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱକୁ ଶାନ୍ତି, ସଦଭାବ, ଭାଇଚାରା ଓ ସେବାର ବାର୍ତ୍ତା ଦେଇଥିବା ଶିଖ୍ ଧର୍ମର ପ୍ରତିଷ୍ଠାତା ଶ୍ରୀ ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବର ହାର୍ଦ୍ଦିକ ଶୁଭକାମନା ।

» ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଶିଖ ଧର୍ମର ପ୍ରତିଷ୍ଠାତା ତଥା ପ୍ରଥମ ଗୁରୁ ଶ୍ରୀ ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବ ଅବସରରେ ସାଦର ପ୍ରଣାମ ଓ ହାର୍ଦ୍ଦିକ ଶୁଭକାମନା ।

» ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପବିତ୍ର 'କାର୍ତ୍ତିକ ପୂର୍ଣ୍ଣିମା' ଓ 'ବୋଇତ ବନ୍ଦାଣ' ଉପଲକ୍ଷେ ହାର୍ଦ୍ଦିକ ଶୁଭକାମନା

» ଶିମିଳିପାଳ ଆସିଲା ଜିନତ । ମହାରାଷ୍ଟ୍ର ତଡବା ଅନ୍ଧାରୀ ଜାତୀୟ ଉଦ୍ୟାନରୁ ଆଉ ଏକ ବାଘୁଣୀକୁ ଓଡିଶା ଅଣାଯାଇଛି ।

## ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକ ଭବ୍ୟ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ କେନ୍ଦ୍ର ଗୃହମନ୍ତ୍ରୀ

ନୂଆଦିଲ୍ଲୀ: ଦିଲ୍ଲୀ ବାନସେରା ପାର୍କରେ ଉନ୍ମୋଚିତ ହେଲା ବିର୍ସା



ମୁଣ୍ଡାଙ୍କ ପ୍ରତିମୂର୍ତ୍ତି । ଏଥିସହିତ ବଦଳିଲା ଦିଲ୍ଲୀ 'ସରାଇ କାଲେ ଖାନ୍ ଛକ' ଏବଂ ବସ୍ ଷ୍ଟାଣ୍ଡର ପରିଚୟ । ଆଜି ଭଗବାନ୍ ଧରତି ଆବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି । ୨୦ ଫୁଟ ଉଚ୍ଚ ଓ ୩ ହଜାର କିଲୋ ଓଜନର ପ୍ରତିମୂର୍ତ୍ତିକୁ ଆଜି ଅନାବରଣ କରାଯାଇଛି । ତେବେ ଏହି ଅବସରରେ ଦିଲ୍ଲୀ ଏଲଜି ବିକେ ସକ୍ସେନା ଏବଂ କେନ୍ଦ୍ରମନ୍ତ୍ରୀ ମନହୋର ଲାଲ ଖଟ୍ଟର ଉପସ୍ଥିତ ଥିଲେ । ଏହାକୁ ନେଇ ଅମିତ୍ ଶାହ କହିଛନ୍ତି, ଭଗବାନ ବିର୍ସା ମୁଣ୍ଡା ଏକ ଛୋଟ ଗାଁରେ ଆଜି ଦିନରେ ହିଁ ଜନ୍ମ ହୋଇଥିଲେ । ଆଜି ତାଙ୍କର ୧୫୦ ତମ ଜନ୍ମ ଦିବସ । ଏହି ବର୍ଷକୁ ଆଦିବାସୀ ଗୌରବ ଦିବସ ଭାବରେ ପାଳନ କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଭୁ ବିର୍ସା ମୁଣ୍ଡା ନିଶ୍ଚିତ ଭାବରେ ସ୍ୱାଧୀନତାର ମହାନ ହିରୋମାନଙ୍କ ମଧ୍ୟରୁ ଜଣେ । ୧୮୫୭ ମସିହାରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରୁଥିବାବେଳେ ସେ ଧାର୍ମିକ ପରିବର୍ତ୍ତନ ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ । ଯେତେବେଳେ ସମଗ୍ର ଦେଶର ଦୁଇ ତୃତୀୟାଂଶ ବିଶ୍ୱ ବ୍ରିଟିଶମାନଙ୍କ ଦ୍ୱାରା ଶାସିତ ହେଉଥିଲା । ସେହି ସମୟରେ ସେ ଧର୍ମ ପରିବର୍ତ୍ତନ ବିରୁଦ୍ଧରେ ଠିଆ ହେବାକୁ ସାହସ ପ୍ରଦର୍ଶନ କରିଥିଲେ । ସେପଟେ ଆଜି ପରଠୁ ଦିଲ୍ଲୀ 'ସରାଇ କାଲେ ଖାନ୍ ଛକ' ବିର୍ସା ମୁଣ୍ଡାଙ୍କ ସମ୍ମାନରେ 'ବିର୍ସା ମୁଣ୍ଡା ଛକ' ଭାବେ ପରିଚିତ ହେବ । ଏଥିସହିତ ଆଦିବାସୀ କାର୍ଯ୍ୟକର୍ତ୍ତାଙ୍କ ଜନ୍ମ ବାର୍ଷିକୀରେ ସରାଇ କାଲେ ଖାନ ବସ୍ ଷ୍ଟାଣ୍ଡର ନାମ ବିର୍ସା ମୁଣ୍ଡା ଚକ୍ ନାମରେ ନାମିତ କରାଯିବ ବୋଲି କେନ୍ଦ୍ର ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର ଘୋଷଣା କରିଛନ୍ତି । ଏନେଇ ନିଜ ଏକ୍ସରେ ସୂଚନା ଦେଇଛନ୍ତି ମନ୍ତ୍ରୀ ।

## ଓଡ଼ିଆ ଅସ୍ମିତାର ପ୍ରତୀକ ବୋଇତକୁ ପତାକା ଦେଖାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଜଗତସିଂହପୁର (ନି.ପ୍ର) : ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ପାରାଦ୍ୱୀପ ପୋର୍ଟ ର ୱେଟ ବେସିନ ଠାରେ ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସ ରେ ଯୋଗଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ପ୍ରଥମେ ୱେଟ ବେସିନରେ ସପତ୍ନୀକ ପହଂଚିବା ପରେ ପାରମ୍ପରିକ ଲୋକନୃତ୍ୟ ସହିତ ତାଙ୍କୁ ହୋମା ମଣ୍ଡପ ନିକଟକୁ ପାଛୋଟି ଅଣାଯାଇଥିଲା । ଏହାପରେ ସେ ପାରମ୍ପରିକ କଳସ କୁ ପୂର୍ବରୁ ସୁସଜ୍ଜିତ ସାଧବ ସାଧବାଣୀ ଙ୍କୁ ହସ୍ତାନ୍ତର କରିଥିଲେ । ସାଧବ ମାନଙ୍କୁ ମେଲାଣି ଦେବା ଉଦ୍ଦେଶ୍ୟରେ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଇତ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଏହି ଅବସରରେ ଆୟୋଜିତ ସଭାରେ ଉତ୍ସୁକ ଜନତାଙ୍କୁ ଅଭିବାଦନ ଜଣାଇ କହିଥିଲେ ଯେ,ଓଡ଼ିଶା ର ସମସ୍ତ ପର୍ବ ଧାର୍ମିକ ଭାବନା ସହ ଜଡିତ ଥିବାବେଳେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଇତିହାସ ସହ ସମ୍ପୃକ୍ତ । ସେହି ପୂର୍ବ ଗୌରବ ଓ ଇତିହାସ ଗାଥା କୁ ମନେପକାଇ ଦେବା ପାଇଁ ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ପାରମ୍ପରିକ ଭାବେ ଏହି ଉତ୍ସବ ପାଳନ



କରିଆସୁଛନ୍ତି । କଳିଙ୍ଗ ର ମହାନ୍ ନୌବାଣିଜ୍ୟ ପରମ୍ପରା ଏ ମାଟିର ବୀର ସାଧବ ପୁଅ ମାନଙ୍କର ଦୁଃସାହସିକ ଜଳଯାତ୍ରା ସହ ପୃଥିବୀର ବିଭିନ୍ନ ଭୂଖଣ୍ଡ ସହ ବାଣିଜ୍ୟିକ ସମ୍ପର୍କ କୁ ଉନ୍ମୋଚନ କରେ । ପାରାଦ୍ୱୀପ ର ନାମ ସ୍ମରଣ କଲେ ଦେହରେ ଅଭୁତ ଶୀହରଣ ସୃଷ୍ଟି ହୁଏ ।୧୯୬୨ ମସିହା ଜାନୁଆରୀ ମାସରେ ବେଳାଭୂମିର ଶାନ୍ତ କମନୀୟ କ୍ରୋଡ଼ରେ ଯେଉଁଠି ଦିନେ ହେନ୍ତାଳର ଜଙ୍ଗଲ, ମଶା-ମାଛି, ସରୀସୃପ ଓ ସନ୍ତସନ୍ତିଆ ଭୂଇଁ ସୃଷ୍ଟି କରିଥିଲା ଅସ୍ୱାସ୍ଥ୍ୟକର ପରିବେଶ, ସେଠାରେ ସୃଷ୍ଟି ହୁଏ ବିରାଟ ସୌଧମୟୀ ନଗରୀ, ଆଧୁନିକ ଓଡ଼ିଶାର ପ୍ରଗତି ଦ୍ୱାର ଅର୍ଥନୀତିର କୋଣାର୍କ । ଶେଷରେ ବନ୍ଦର ଉପାଧ୍ୟକ୍ଷ ଶ୍ରୀ ନୀଳଭ୍ର ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବ ରେ ପାରାଦୀପ ବନ୍ଦର ର ସମସ୍ତ କର୍ମକର୍ତ୍ତା,ବିଭିନ୍ନ ବିଭାଗ ର ସରକାରୀ ଅଧିକାରୀ, ସ୍ଥାନୀୟ ଜନସାଧାରଣ, ସହରର ବରିଷ୍ଠ ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ହାଇଦ୍ରାବାଦ ଆଇଏସବି ଇନସାଇଟ୍ସ ଫୋରମରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ହାଇଦ୍ରାବାଦ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣମାର ପବିତ୍ର ଦିବସରେ



ହାଇଦ୍ରାବାଦ ସ୍ଥିତ ଇଣ୍ଡିଆନ ସ୍କୁଲ୍ ଅଫ୍ ବିଜନେସ କ୍ୟାମ୍ପସ ପରିସରରେ ଆୟୋଜିତ "ଆଇଏସବି ଇନସାଇଟ୍ସ ଫୋରମ - ୨୦୨୪"ରେ ଯୋଗଦେଇ କାର୍ତ୍ତିକ ପୂର୍ଣ୍ଣିମା ଏବଂ ଓଡ଼ିଶାରେ ପାଳିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବର ମାହାତ୍ମ୍ୟ ଉପରେ ଆଲୋକପାତ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ କାର୍ତ୍ତିକ ପୂର୍ଣ୍ଣିମାର ଅନେକ ମହତ୍ୱ ରହିଛି । ସମଗ୍ର ଭାରତରେ ଏହାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଇଥାଏ । ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣିମାକୁ 'ବୋଇତ ବନ୍ଦାଣ' ଭାବରେ ପାଳନ କରାଯାଇଥାଏ । ଆମର ସମୃଦ୍ଧ ସାମୁଦ୍ରିକ ନୌବାଣିଜ୍ୟ ଇତିହାସକୁ ସ୍ମରଣ କରିବା ସହ ସାଧବ ପୁଅଙ୍କୁ ସମ୍ମାନ ଜଣାଇବାର ଏହା ମହାନ ଅବସର । କାର୍ତ୍ତିକ ପୂର୍ଣ୍ଣିମା ପ୍ରାଚୀନ ଉତ୍କଳର ସମୃଦ୍ଧ ସାଧବ ସଂସ୍କୃତି ଓ ବର୍ଣ୍ଣାଢ଼୍ୟ ବୋଇତ ବନ୍ଦାଣ ଆମ ପରମ୍ପରାର ଦୃଢ଼ ଗୌରବଗାଥା । ବୋଇତ ବନ୍ଦାଣ ହେଉଛି ଅନ୍ୱେଷଣ ଏବଂ ଉଦ୍ୟୋଗୀ ଭାବନାର ଏକ ଅନନ୍ୟ ଉତ୍ସବ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଆଜି ସାରା ବିଶ୍ୱ ଭାରତକୁ ବୃହତ ଭରସା ଦୃଷ୍ଟିରେ ଦେଖୁଛି । ଭାରତର ଉଦ୍ୟମିତା କ୍ଷମତା ଏବଂ ବୌଦ୍ଧିକ ଦକ୍ଷତା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ୍ ଭାବେ କାର୍ଯ୍ୟ କରିବ । 'ଅମୃତ କାଳ'ର ଏହି ୨୫ ବର୍ଷ କେବଳ ଭାରତ ପାଇଁ ନୁହେଁ, ସାରା ବିଶ୍ୱ ପାଇଁ ଗେମ୍ ଚେଞ୍ଜର ହେବ । ତେଣୁ ଏହି ସମୟରେ ଆମର ଦାୟିତ୍ୱ ଅଧିକ । ସେ ଆହୁରି କହିଛନ୍ତି ଯେ ଶିକ୍ଷା ହେଉଛି ସମସ୍ତ ସଭ୍ୟତାର ଆବଶ୍ୟକତାକୁ ପୂରଣ କରିବାର ଜନନୀ । ତେଣୁ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ଏକବିଂଶ ଶତାବ୍ଦୀର ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ଆକାଂକ୍ଷାକୁ ସାକାର କରିବାର ଏକ ଉତ୍ତମ ମାର୍ଗ ଅଟେ । ଏ ଦିଗରେ ଆମକୁ ମିଳିତ ଭାବେ କାମ କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ଲୋକକଲ୍ୟାଣକୁବ୍ୟାପକକରିବାଦିଗରେ ଗବେଷଣା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ।

## ସ୍ୱାସ୍ଥ୍ୟ ବିଭାଗର ୨୪ଟି ନୂତନ କୋଠା ନିର୍ମାଣର ଭିତିପ୍ରସ୍ତର ସ୍ଥାପନ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ମାଲକାନଗିରି: ରାଜ୍ୟ ସରକାର ମାଲକାନଗିରି ଜିଲ୍ଲା ତଥା ଏଠାରେ ବସବାସ କରୁଥିବା ଜନଜାତିଙ୍କ ସାମଗ୍ରିକ ବିକାଶ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବଦ୍ଧ ପରିକର । ଜଙ୍ଗଲ ଜମି ଉପରେ କେବଳ ଆଦିବାସୀଙ୍କର ଅଧିକାର ରହିଛି । ଆଜି ସ୍ୱାସ୍ଥ୍ୟ ବିଭାଗର ୨୪ ଟି ନୂତନ କୋଠା ନିର୍ମାଣର ଭିତିପ୍ରସ୍ତର ସ୍ଥାପନ ସହ



ମାଥିଲି ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଦୁଇଟି ଡ଼ାଏଲେସିସ ୟୁନିଟର ଶିଳାନ୍ୟାସ କରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହା କହିଛନ୍ତି । କୋଠା ନିର୍ମାଣ ନିମନ୍ତେ ୧୬୭ କୋଟି ଓ ଡ଼ାଏଲେସିସ ୟୁନିଟ ନିମନ୍ତେ ୧ କୋଟି ୧୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହା ସ୍ଥାପନ ହେବା ଦ୍ୱାରା ଜିଲ୍ଲାରେ ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ଜିଲ୍ଲା ଆଦିବାସୀ ମହସଂଘ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ଜନଜାତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଜୟଶ୍ରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଓ ଅର୍ଥ ପରିଚାଳକ ମାନସ ମିଶ୍ର ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଗତବର୍ଷ ପିଏମ ଜନମନ ଯୋଜନା ମାଧ୍ୟମରେ ମାଲକାନଗିରି ଜିଲ୍ଲାର ୧୨୫ ଗୋଟି ଗ୍ରାମରେ ଆରମ୍ଭ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ଚାଲୁରହିଛି । ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତିଭୂମିର ଉନ୍ନତି ଅନେକ କାର୍ଯ୍ୟ ହାତକୁ ନିଆଯାଇଛି । ସମସ୍ତ ଜନଜାତିଙ୍କ ସର୍ବାଙ୍ଗିନ ଉନ୍ନତି ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧରତି ଆବା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଧରତି ଆବା-ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ନାମରେ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ ୧୭ ଗୋଟି ମନ୍ତ୍ରାଳୟର ସହାୟତାରେ ୨୫ ଗୋଟି କାର୍ଯ୍ୟକ୍ରମ ହାତକୁ ନିଆଯିବ ଯାହା ପ୍ରାୟ ୬୬୦୦ କୋଟି ଟଙ୍କାର ପ୍ରକଳ୍ପକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଜନଜାତିଙ୍କ କଲ୍ୟାଣ ନିମନ୍ତେ ଲୋକାର୍ପଣ କରିଛନ୍ତି ।





# ଶ୍ରୀଜଗନ୍ନାଥ ଜୀଉ ବିଜେ,ଶାସଙ୍ଗରେ ରାହାସ ପୂର୍ଣ୍ଣମୀ ଅନୁଷ୍ଠିତ





ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ସଦରବ୍ଲକ ଶାସଙ୍ଗ ଗ୍ରାମ ପଂଚାୟତ ଶାସଙ୍ଗ ଗ୍ରାମରେ ଥିବା ଦ୍ୱାଦଶ ଶତାବ୍ଦୀ ରୁ ଶ୍ରୀଜୀଉ ମାନଙ୍କ ର ପାଠସ୍ଥଳୀ ଶ୍ରୀଜଗନ୍ନାଥ ଜୀଉ ବିଜେ ଶାସଙ୍ଗ ରେ କାର୍ତ୍ତିକ ପୂର୍ଣ୍ଣିମା ତଥା ରାସ ପୂର୍ଣ୍ଣିମା ଏକ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇ ଅଛି ।ଆଜି ପ୍ରାୟ ଭୋର ୩ ଟା ରୁ ମନ୍ଦିର ବେଢ଼ା ଫିଟାଯାଇ ମହାପ୍ରଭୁ ମାନଙ୍କର ଦୈନଂଦିନ ନୀତି ଆରମ୍ଭ ହୋଇଥିଲା ।ଠାକୁରଙ୍କ ,ମଙ୍ଗଳ ଆଳତି,ଅବକାଶ ହେବାପରେ ମହାବିଗ୍ରହ ମାନଙ୍କୁ ସୁନା ବେଶ କରାଯାଇଥିଲା ।ସୁନା ବେଶ ହେବା ପରେ ପ୍ରଥମେ ଏକ ବତୀ, ତିନି ବତୀ, ପାଂଚ ବତୀ,ସାତ ବତୀ, କାଠି ଆଳତୀ (୩ ଟା),୫୪ ବତୀ ଶେଷରେ ପୂର୍ଣ୍ଣ ଆଳତୀ ୧୦୮ ବତୀ ରେ ଠାକୁର ମାନଙ୍କୁ ଆଳତୀ କରାଯାଇଥିଲା ।ଏବଂ ଠାକୁର ମାନଙ୍କୁ ଖୁଦୁଡ଼ି ଭୋଗ ଅର୍ପଣ କରାଯାଇ ସୁନା ବେଶ ଦର୍ଶନ ପାଇଁ ଭକ୍ତ ମାନଙ୍କୁ ସୁଯୋଗ ଦିଆଯାଇଥିଲା । ଅନ୍ୟପକ୍ଷରେ ଶାସଙ୍ଗରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର,କାମେଶ୍ୱର ମହାଦେବ ମନ୍ଦିର,ମଙ୍ଗଳା ମନ୍ଦିର,ବଡମ୍ବା ମନ୍ଦିର,ଶିତୋଳା ପୀଠ ରେ ମଧ ଆଜି ଦିନତମାମ ପୂଜା ଅର୍ଚ୍ଚନା ଚାଲିଥିବା ବେଳେ ଭକ୍ତ ମାନଙ୍କୁ ଖୁଦୁଡ଼ି,କାନିକା,ଖିରି ଆଦି ବଂଟନ କରାଯାଇଥିଲା ।ସନ୍ଧ୍ୟାରେ ଭୁବନେଶ୍ୱର ରୁ ସରକାରୀ ସାହାଯ୍ୟରେ ଆସିଥିବା ଭଜନ ଗ୍ରୁପ ର କଳାକାର ଙ୍କ ଦ୍ୱାରା ଭଜନ ପରିବେଷଣ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

# ଏସ୍‌ପି ଦମ୍ପତି ବାଲିଘାଟରେ ବୁଡ଼ ପକାଇଲେ

ବାଲେଶ୍ୱର (ନି.ପ୍ର.) ଚଳିତ ବର୍ଷ ବାଲିଘାଟ ବୋଇତ ବନ୍ଦାଣ ଉତ୍ସବ ଓ ବାଲିମେଳା ମହୋତ୍ସବ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ବେଳେ ଏହା ଠିକ୍ କଟକ ବାଲିଯାତ୍ରା ଭଳି ଉତାଳ ଜନସମୁଦ୍ରକୁ ନେଇ ଏବେ ଏହି ଉତ୍ସବ ୧୪ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ବାଲିଘାଟ ସୁରକ୍ଷା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କର୍ମକର୍ତ୍ତାମାନେ ଅତି ଯତ୍ନ ସହକାରେ ଗୁରୁତ୍ୱ ଦେବା ସଂଗେ ସଂଗେ ଚଳିତ ବର୍ଷ ଏକ ସୁନ୍ଦର ବାତାବରଣ ଦେଖିବାକୁ ମିଳିଛି । ଭାଇଚାରା ଓ ଐତିହ୍ୟ ସମ୍ପନ୍ନ ବାଲେଶ୍ୱର ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା ବେଳେ ୧୫ ତାରିଖ ପୂର୍ଣ୍ଣମୀ ଅବସରରେ ବାଲିଘାଟ ଠାରେ ୧୦୦ ପ୍ରତିଶତରୁ ୭୦ ପ୍ରତିଶତ ଥିଲେ ସଂଖ୍ୟାଲଘୁ ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା । ସମସ୍ତେ ଏହି ବାଲିମେଳା ମହୋତ୍ସବକୁ ଦେଖିବା ପାଇଁ ଯିବା ସଂଗେ ସଂଗେ ସେଠାରେ ଖୋଲିଥିବା ପାଖାପାଖି ୩୦୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ଯେଉଁପରି ଭାବରେ ବିଭିନ୍ନ କିସମର ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ଯାନିଯାତ୍ରା, ମେଳା ମହୋତ୍ସବର ଘରୋଇ ସାମଗ୍ରୀ ଅନ୍ୟାନ୍ୟ ଆବଶ୍ୟକୀୟ ଦ୍ରବ୍ୟ କିଣିବାରେ ସମସ୍ତେ ଥିଲେ ବ୍ୟଗ୍ର । ଖାଲି ସେତିକି ନୁହେଁ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ବାଲେଶ୍ୱରର ନୂତନ ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ଓ ତାଙ୍କ ସହଧର୍ମିଣୀ ପ୍ରତ୍ୟୁଷରୁ ବାଲିଘାଟ ତୁଠରେ ଯାଇ ବୁଡ଼ ପକାଇବା ସହ ଉଭୟ ଦମ୍ପତି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଫଳତାର ସହ ତୁଲାଇବା ନିମନ୍ତେ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ





ପ୍ରଦାନ କରିଥିଲେ ଏବଂ ବୋଇତ ଭସାଇଥିଲେ । ଏହି କାର୍ଯ୍ୟକ୍ରମରେ ଜଣେ ଆଇପିଏସ ଅଫିସର ଓଡ଼ିଆ ଜାତିର ସଂସ୍କୃତି ଓ ପରମ୍ପରାକୁ ହୃଦୟଙ୍ଗମ କରି ବାଲିଘାଟରେ ବୋଇତ ଭସାଇବା କାର୍ଯ୍ୟକ୍ରମକୁ ସ୍ଥାନୀୟ ଅଂଚଳର ଶ୍ରଦ୍ଧାଳୁ ଏବଂ ଦର୍ଶକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଛନ୍ତି ।

# ବ୍ୟାସବିହାରରେ ଅନୁଷ୍ଠିତ ହେଲା ବୋଇତ ବନ୍ଦାଣ ଓ କାର୍ତିକପୂର୍ଣ୍ଣିମା ଉତ୍ସବ

ବାଲେଶ୍ୱର, (ନି.ପ୍ର.) ଓଡ଼ିଶାର ସ୍ୱତନ୍ତ୍ର ତଥା ଐତିହାସିକ ପର୍ବ ଗୁଡିକର ପାରମ୍ପରିକ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଥାଏ । ବିଶ୍ୱବିଦ୍ୟାଳୟର ପରିସର ମଧ୍ୟରେ ଥିବା ଧ୍ୟାନ କେନ୍ଦ୍ର ଓ ନୂତନ ଉଦ୍ଭିଦ ବିଜ୍ଞାନ ବଗିଚା ସଂଲଗ୍ନ ପୁଷ୍କରିଣୀରେ ଆଜି ପବିତ୍ର କାର୍ତିକ ପୂର୍ଣ୍ଣମୀ ଅବସରରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣର ନିୟମକୁ ଅନୁସରଣ କରି କପଡା, ବାଉଁଶ ଓ କଦଳୀପଟୁଆ ସାହାଯ୍ୟରେ ନିର୍ମିତ ଏକ ବୋଇତକୁ ଛାତ୍ରଛାତ୍ରୀଙ୍କ ସହାୟତାରେ ସାଜସଜ୍ଜା କରାଯାଇଥିଲା । ପ୍ରାତଃରେ ଓଡିଆ ରୀତିନୀତି ଅନୁସାରେ ବୋଇତ ବନ୍ଦାଣ କରି ଘଂଟ-ଶଂଖ ବଜାଇ, ଆ'କା- ମା- ବୈଇ ଗୀତ ବୋଲି ବୋଇତଟିକୁ ସମସ୍ତେ ପୁଷ୍କରିଣୀରେ ଭସାଇଥିଲେ । କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଓଡ଼ିଆ ପରମ୍ପରା ପ୍ରତି ସମ୍ମାନ ତଥା ସୁରକ୍ଷାର ଆଭିମୁଖ୍ୟ ଓ ବିଭିନ୍ନ ପର୍ବପର୍ବାଣୀଗୁଡିକୁ ସାମୂହିକ ପାଳନ ଦ୍ୱାରା ଏହାକୁ ଉଜ୍ଜୀବିତ କରି ରଖିବାର ପ୍ରୟାସ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଆସିଛି । ଆମେ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବିତ ହେବାସହ ଏହାକୁ ପାଳନ କରିବାର ଆବଶ୍ୟକତାକୁ ନେଇ ଏହି ଉତ୍ସବ ପ୍ରତିବର୍ଷ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ପାଳିତ ହୋଇ ଆସୁଛି । ବିଶ୍ୱବିଦ୍ୟାଳୟର ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ଉପସ୍ଥିତିରେ ତଥା ବିଭିନ୍ନ ବିଭାଗ ମୁଖ୍ୟ, ଅଣଶିକ୍ଷକ କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଏହି ବୋଇତ ବନ୍ଦାଣ ଉତ୍ସବକୁ ଅତ୍ୟନ୍ତ ଆନନ୍ଦର ସହିତ ପାଳନ କରିଥିଲେ । ଭୂବିଜ୍ଞାନ ବିଭାଗର ଅଧ୍ୟାପକ ଡ଼କ୍ଟର ଅସୀମ ଅମିତାଭ ପ୍ରଧାନ ଏହି ଉତ୍ସବ ଆୟୋଜନର ସମସ୍ତ ଦାୟିତ୍ୱ ନିର୍ବାହ କରିଥିଲେ ।



# ସାଇବର୍ ପୋଲିସ୍ ପଞ୍ଝାରେ ୩ ଛନ୍ଦିଗଲେ

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ସାଇବ୍ କ୍ରାଇମ୍ ଥାନା ନମ୍ବର ୪୮/ ୧୩.୧୧.୨୪ ମୂଳେ ପୋଲିସ ୩ଜଣ ପୁରୁଷ ଯାହାଙ୍କ ବୟସ ୨୫ରୁ ୩୫ । ଏବଂ ଜଣେ ୧୮+ ଯୁବତୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩ଟି ମୋବାଇଲ ଏବଂ ୨ଲକ୍ଷ ୫୭ ହଜାର ୮୯୯ ଟଙ୍କା ଠକେଇ ଘଟଣାରେ ଗିରଫ କରାଯାଇଛି । ଖବରରୁ ପ୍ରକାଶଯେ, ଗିରଫ ବ୍ୟକ୍ତିମାନେ ବିଭିନ୍ନ ଆକାଉଂଟରୁ ଫେକ୍ ଫେସବୁକ୍‌ରେ ଆଇଡି ଖୋଲି ସେମାନଙ୍କ ଠାରୁ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି ।



# ଅଜଣା ଯୁବକର ଶବ ଉଦ୍ଧାର

ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ସହର ସମେତ ସହରତଳି ଅଂଚଳରେ ହତ୍ୟାକାଣ୍ଡ ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଲଗାତର ଭାବେ କେତେକ ବ୍ୟକ୍ତି ଅର୍ଥ ନେଣଦେଣ, ଜମିଜମା, ପୂର୍ବ ଶତୃତା ଘଟଣାରେ ଛେଳି କୁକୁଡ଼ା କାଟିବା ଭଳି ଲୋକଙ୍କୁ ହତ୍ୟା କରି ଦରପଡ଼ା ଠାରେ ଦଉଡ଼ିରେ ଝୁଲାଇବା, ଗୁଡୁଦା ଚଟାଣ ଠାରେ ଅଜଣା ଯୁବକଙ୍କୁ ହତ୍ୟାକରି ଅସୁରକ୍ଷିତ ଜାଗାରେ ପକାଇବା, ଏଣେ ସଦର ଥାନା ଅଂଚଳରେ ଲଗାତର ହତ୍ୟାକାଣ୍ଡ ମାମଲା ବଢ଼ିବା ଘଟଣାକୁ ନେଇ ପୋଲିସ ପାଇଁ ଯେତିକି ମୁଣ୍ଡ ବ୍ୟଥାର କାରଣ ହୋଇଛି ତାଠାରୁ ଅଧିକ ମୁଣ୍ଡବ୍ୟଥାର କାରଣ ହୋଇଛି ଜନସାଧାରଣଙ୍କ ପାଇଁ ।



# ୨୭ ମୋବାଇଲ ଜବତ: ୬ ଗିରଫ



ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ସଦର ଥାନା ପକ୍ଷରୁ ଏଫଏମ ନଗର ଅଂଚଳର ରାଜେନ୍ଦ୍ର ପଣ୍ଡା ଏବଂ ଅନ୍ୟଏକ ଅଭିଯୋଗକାରୀ ଉମାକାନ୍ତ ମଲ୍ଲିକଙ୍କ ମାମଲାରେ ପୋଲିସ ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରି ସଦର ପୋଲିସ ସହାୟତାରେ ୨ଟି ମାମଲା ରୁଜୁ କରାଯିବା ସହ ୨୭ ଗୋଟି ମୋବାଇଲ ଫୋନ ଜବତ କରିବା ସଂଗେ ସଂଗେ ୬ଜଣ ଅଭିଯୁକ୍ତକୁ ଗିରଫ କରିଛନ୍ତି ବୋଲି ବାଲେଶ୍ୱରର ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ ୧୫ ତାରିଖ ଅପରାହ୍ନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି । ସେ କହିଛନ୍ତି ଏହି ଦୁର୍ବୃତମାନେ ଫକୀରମୋହନ ନଗର ଏବଂ ସଦର ଥାନା ଅଧିନରେ ବିଭିନ୍ନ ଅଂଚଳରେ ଜନସାଧାରଣଙ୍କ ନିକଟରୁ ଛିନ୍‌ତାଇ କରିବା, ନାମୀଦାମି ମୋବାଇଲ ଲୁଟିନେବା ଏକ ନୀତିଦିନିଆ ଘଟଣାରେ ପରିଣତ ହୋଇଛି । ଗିରଫ ଅଭିଯୁକ୍ତମାନେ ବାଲେଶ୍ୱର ଟାଉନଥାନା ଏବଂ ସହଦେବଖୁଂଟା, ଅଡ଼ରବଜାର ଓ ତାରା ଆଖପାଖ ଅଂଚଳରେ ଥିବା ଜଣାପଡ଼ିଛି । ଖବରନେବାରୁ ଜଣାଯାଇଛି କି ୨୭ ଟି ମୋବାଇଲ ଭିତରେ ଅପୋ, ଭିଭୋ, ରେଡ଼ମି, ନର୍ଜୋରେଡ଼ମି, ସାମସଙ୍ଗ, ନକିଆ, ଏମଆଇ, ଏଲଓ୍ୱାଓଏଫର୍ଜିଓ, ଏକ୍ସଆଇଏଓଏମଆଇ, ଲାଭା, ଏମଆଇ, ଲିନୋଭୋ ଟେବଲେଟ୍ ପ୍ରମୁଖ ମୋବାଇଲ ଥିବା ଜଣାପଡ଼ିଛି । ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଡ. ଶଶାଙ୍କ ଶେଖର ବେହୁରା ଉପସ୍ଥିତ ଥିଲେ ।

# ଭୋଇସାହି ଆ-କା-ମା-ବୈର ପଂଚଦଶ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ

ବାଲେଶ୍ୱର, (ନି.ପ୍ର.) ୧୫ ତାରିଖ ସନ୍ଧ୍ୟାରେ ଆ-କା-ମା-ବୈ ପକ୍ଷରୁ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ବରେଣ୍ୟ ଅତିଥି ଭାବେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ଉପମୁଖ୍ୟ ସଚେତକ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ମାନସ ଦତ, ସମ୍ମାନିତ ଅତିଥି ଭାବେ ପର୍ଶୁରାମ ବେହେରା ଯୋଗ ଦେଇଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ମୁରଲୀଧର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ବିକାଶ ପାତ୍ରୀ ଧନ୍ୟବାଦ ସହ ମାନପତ୍ର ପାଠ କରିଥିଲେ । ସିମନ ଦାସ ମାହାପାତ୍ର, ସିଦ୍ଧେଶ୍ୱର ଓ ଗାୟତ୍ରୀ, ହ୍ରୀତିକ ନାୟକ, ବିଦ୍ୟାଶ୍ରୀ ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ଏବଂ ସମ୍ମାନିତ ଅତିଥି ଭାବେ ପଣ୍ଡିତ ମନ୍ମଥ ମିଶ୍ର, ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ସୁଧାଂଶୁ ପଣ୍ଡା, ଡ. ସୁବାସିଶ୍ ମହାନ୍ତି, କାଉନସିଲର ସଂଜୀବ ଦାସ, ମୁରଲୀଧର ନାୟକ, ପ୍ରବୀର ନାୟକ, କମଳଲୋଚନ ଆଚାର୍ଯ୍ୟ, ବିକାଶପାତ୍ରୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଭିଜିତ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ସେହିପରି ୧୫ ତାରିଖ ପୂର୍ବ ଘୋଷିତ ଅନୁଯାୟୀ ପ୍ରଜ୍ଞା ଓ ଶଙ୍କର ମେଲୋଡ଼ିକୁ ଦେଖିବା ପାଇଁ ଏ ଅଂଚଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ମୁଖ୍ୟ ରାସ୍ତା ଦେଇ ଯାନବାହାନ ଚଳାଚଳ କରୁଥିଷଲ ମଧ୍ୟ ଜନସାଧାରଣଙ୍କ ଭିଡ଼ ଯୋଗୁଁ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା । ଏହାଛଡ଼ା ରାଜ୍ୟର ବରିଷ୍ଠ ମତ୍ସ୍ୟ ଓ ପ୍ରାଣି ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ପ୍ରତାପ ଷଡ଼ଙ୍ଗୀଙ୍କ ଓଜସ୍ୱିନୀ ଭାଷଣ ଶୁଣିବା ପାଇଁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍କଂଟା ପରିପ୍ରକାଶ ପାଇଥିଲା ।



# ୪୨ତମ ସୁବର୍ଣ୍ଣେଶ୍ୱର ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର, (ନି.ପ୍ର.) ୧୪ ତାରିଖ ସନ୍ଧ୍ୟାରେ ସୁନହଟ ପାତ୍ରପଡ଼ା ସୁବର୍ଣ୍ଣେଶ୍ୱର ବୋଇତ ବନ୍ଦାଣ ଉତ୍ସବର ଉଦଯାପନୀ ଉତ୍ସବ ଏକ ମନୋରମ ପରିବେଶରେ ଅନୁଷ୍ଠିତ ହୋଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ ଏବଂ ଉଦଘାଟକ ଭାବେ ବିଧାୟକ ସିମୁଳିଆ ପଦ୍ମଲୋଚନ ପଣ୍ଡା ଏବଂ ଅଶୋକ ନାୟକ, ପୁରାତନ ସଦର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ସମାଜସେବୀ ଚିନ୍ମୟ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ । ଅଧନ୍ୟବାଦ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ନଳିନୀ ରଂଜନ ଦାସ । ରାଜେନ୍ଦ୍ର ରାଉତ ମଂଚ ପରିଚାଳନା କରିଥିବା ବେଳେ ପ୍ଲେବେକ୍ ସିଙ୍ଗର ବର୍ଣ୍ଣାଳୀ ହୋତା, ଭୁବନେଶ୍ୱରର ମେଲୋଡ଼ି ଓ କଲିକତାର ଡ୍ୟାନ୍ସ ଟିମ୍ ଦର୍ଶକଙ୍କ ଚିତାକର୍ଷକ ମନମୋହିଥିଲେ । ଏହି ଅବସରରେ ସୁବର୍ଣ୍ଣେଶ୍ୱର ପୋଖରୀରେ ବୋଇତ ବନ୍ଦାଣ କରାଯାଇ ମଂଚାସୀନ ଅତିଥିମାନେ ଭସାଇଥିଲେ । ଖବରରୁ ପ୍ରକାଶଯେ, କିଛିଦିନ ପୂର୍ବରୁ ଏହି ଅଂଚଳରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା, ଦୀର୍ଘଦିନ ଧରି କର୍ଫ୍ୟୁ ଲାଗି ରହିବା, ପରବର୍ତୀ ସମୟରେ ଅବସ୍ଥା ଶାନ୍ତ ପଡ଼ିବା ଯୋଗୁଁ ଟାଉନଥାନା ଅଧିକାରୀ ଅଶୋକ ନାୟକଙ୍କ ସମେତ ସିଟିଡିଏସପି ସୁଭ୍ରାଂଶୁ ଶେଖଣ ନାୟକ ଓ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।

# ବାଲିଘାଟ ବାଲିମେଳା ମହୋତ୍ସବର ଦ୍ୱିତୀୟ ଦିବସ ପୂର୍ବାହ୍ନ କାର୍ଯ୍ୟକ୍ରମ

ବାଲେଶ୍ୱର, (ନି.ପ୍ର.) ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ବାଲିଘାଟ ସୁରକ୍ଷା କମିଟି ଆନୁକୂଲ୍ୟରେ ବୋଇତ ବନ୍ଦାଣ ଓ ବାଲିମେଳା ମହୋତ୍ସବର ଦ୍ୱିତୀୟ ଦିବସର ପୂର୍ବାହ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ମୋନାଲିସା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାଲିଘାଟରେ ବୋଇତ ବନ୍ଦାଣ କରି ଭସାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ





କାଉନସିଲର ମୀନା ମହାନ୍ତି ଯୋଗ ଦେଇଥିବା ବେଳେ ସୁବୋଧ କୁମାର ମହାନ୍ତି ଏବଂ ଗଗନ ରାଉତଙ୍କ ସହଧର୍ମିଣୀ, ଯୋଗେନ୍ଦ୍ର ସାହୁ ପ୍ରମୁଖ ଅନ୍ୟାନ୍ୟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ସାଂସ୍କୃତକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।





ବାଲିଘାଟରେ ଟାଇଟର୍ନିକ୍ ଜାହାଜ: ବୋଇତ ବନ୍ଦାଣ ପୂର୍ଣ୍ଣମୀ ଅବସରରେ ବାଲିଘାଟ ଠାରେ ତ୍ରାହି ଜଗନ୍ନାଥ ଆମ୍ବୁଲାନ୍ସ ସର୍ଭିସ ପକ୍ଷରୁ ୮ହଜାର ଟଙ୍କା ମୂଲ୍ୟରେ ଏକ ଟାଇଟନିକ ଜାହାଜ ସହର ପରିକ୍ରମା କରି ବାଲିଘାଟରେ ଭସାଯାଇଥିଲା ।





# ପାଳିତ ହେଲା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ତଥା ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

କେନ୍ଦୁଝର(ନିପ୍ର): ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଭାରତର ପୂର୍ବାଂଚଳରେ ନିଜ ଅଦମ୍ୟ ସାହସ ବଳରେ ଇଂରେଜଙ୍କ ବିରୁଦ୍ଧରେ ସଂଗ୍ରାମ କରିଥିବା ମହାନାୟକ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ସମଗ୍ର ଦେଶରେ ଜନଜାତିୟ ଗୌରବ ଦିବସ ପାଳିତ ହୋଇଯାଇଛି ଏବଂ ଏହି ସ୍ୱତନ୍ତ୍ର ଦିବସ ପାଳନ ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ଜାମୁଇ ଗସ୍ତ କରି ସମଗ୍ର ଦେଶବାସୀଙ୍କ ସହିତ ଆଭାସୀ ମାଧ୍ୟମରେ ଏହି ଦିବସକୁ ପାଳନ କରିବା ସହିତ ଜନଜାତି ବର୍ଗର ଲୋକଙ୍କ ଉନ୍ନତି ନିମିତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ଓଡ଼ିଶା ସରକାରଙ୍କର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନର ମିଳିତ ଅନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଧର୍ତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀ, ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆ ଠାରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ



ଯୋଗ ଦେଇ ଓଡ଼ିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା ବିଭାଗ, ଗଣେଶ ରାମ ସିଂହ ଖୁଂଟିଆ ଏହି ସମାରୋହର ଉଦ୍‌ଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ କେନ୍ଦୁଝର ଅନନ୍ତ ନାୟକ, ମାନ୍ୟବର ବିଧାୟକ ତେଲକୋଇ ଡାଃ ଫକୀର ମୋହନ ନାଏକ, ମାନ୍ୟବର ବିଧାୟକ ପାଟଣା ଅଖିଳ ଚନ୍ଦ୍ର ନାଏକ, ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ଓ କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ ମଂଚାସୀନ ହୋଇଥିଲେ । ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସମ୍ମିଳିତ ଭାବେ ଆଭାସୀ ମାଧ୍ୟମରେ ବିହାରରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ । ନିଜ ଅଭିଭାଷଣରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଥିଲେ ଯେ ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନର ଗାଥା ଆମକୁ ସର୍ବଦା ପ୍ରେରଣା ଯୋଗାଉଥିବ । ଭାରତର ସ୍ୱତନ୍ତ୍ରତା ସଂଗ୍ରାମରେ ଆଦିବାସୀମାନଙ୍କ ସଂଘର୍ଷ ସୂଚାଏ ଯେ ସେମାନେ ନିଜ ମା'ର ମାନ ମର୍ଯ୍ୟାଦା ପାଇଁ କେତେ ସମ୍ବେଦନଶୀଳ ଓ ସ୍ୱାଭିମାନୀ । ଆହୁରିମଧ୍ୟ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ଭଗବାନ ବିର୍ସା ମୁଣ୍ଡା ଓ ଅନ୍ୟ ବିପ୍ଲବୀଗଣଙ୍କ ବୀରତ୍ୱର ଗାଥାକୁ ଲୋକଲୋଚନକୁ ଆଣିବା ପାଇଁ ୨୦୨୧ ମସିହାରୁ ଏହି ଦିବସର ପରିକଳ୍ପନା କରିଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏଥିସହିତ ଶ୍ରୀ ଖୁଂଟିଆ ଭାରତର ସର୍ବୋଚ୍ଚ ଶାସନ ପଦବୀରେ ମହାମହିମ ରାଷ୍ଟ୍ରପତି ମଧ୍ୟ ଜଣେ ଆଦିବାସୀ ଏବଂ ଆଜି ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଜଣେ ଆଦିବାସୀ ଅଧିଷ୍ଠିତ ହୋଇଥିବାରୁ ଆଦିବାସୀ ବର୍ଗର ସର୍ବାଙ୍ଗୀନ ଉନ୍ନତି କଳ୍ପେ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିବା ହିଁ ଭଗବାନ ବିର୍ସା ମୁଣ୍ଡା ଓ ଅନ୍ୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଗଣଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ । ସେହିପରି ସାଂସଦ ଶ୍ରୀ ନାୟକ ଆଦିବାସୀ ମାନଙ୍କ ଦେଶପ୍ରେମ ଓ ବଳିଦାନକୁ ଅନାଲୋଚିତ କରି ରଖି ଆଦିବାସୀ ମାନଙ୍କ ଛବିକୁ ଗୌଣ କରି ରଖାଯାଇଥିଲା ହେଲେ ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ସରକାର ଆଦିବାସୀଙ୍କୁ ଅଗ୍ରାଧିକାର ଦେଇଥିବା ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ, ବାଂଶପାଳ ବ୍ଲକର ବନମାଳୀ ଜୁଆଙ୍ଗ, ଲମ୍ବୋଦର ଜୁଆଙ୍ଗ, ଧନେଶ୍ୱର ଜୁଆଙ୍ଗ, ବିନୋଦ ଜୁଆଙ୍ଗଙ୍କୁ ପିଏମଜନମନ (ଗ୍ରାମୀଣ) ଅନ୍ତର୍ଗତ ଗୃହ ନିର୍ମାଣ ଲାଗି ସହାୟତା ରାଶି ପ୍ରଦାନ କରାଯାଇଥିଲା । ସେହିପରି ୨ଟି ଗୋଷ୍ଠୀଙ୍କୁ ସମ୍ପ୍ରଦାୟ ଜଙ୍ଗଲ ଅଧିକାର (ଉରଜ) ପ୍ରଦାନ କରାଯାଇଥିଲା ତତସହିତ ମୁଖ୍ୟମନ୍ତ୍ରୀ ଜୀବନ ଜୀବିକା ମିଶନ ଜରିଆରେ ସଞ୍ଜୁଲତା ମୁଣ୍ଡା, ବିକାଶ ପ୍ରଧାନ, ଲୀଳାବାଳା ପ୍ରଶନ ଓ ସନ୍ଧ୍ୟାରାଣୀ ନାଏକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସୂଚନା ଥାଉକି, ପୂର୍ବାହ୍ନ ପ୍ରାୟ ୧୧ଟାରେ, ବିହାରର ଜାମୁଇ ଠାରେ ପ୍ରଧାନମନ୍ତ୍ରୀ, ଭଗବାନ ବିର୍ସା ମୁଣ୍ଡାଙ୍କ ସମ୍ମାନରେ ଏକ ସ୍ମାରକୀ ମୁଦ୍ରା ଏବଂ ଡାକ ଟିକଟ ଉନ୍ମୋଚନ କରିଥିଲେ ଏବଂ ଏହି ଅଂଚଳର ଗ୍ରାମାଂଚଳ ଓ ଦୁର୍ଗମ ଅଂଚଳରେ ଆଦିବାସୀ ସଂପ୍ରଦାୟର ଉନ୍ନତି ଏବଂ ଭିତିଭୂମିରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ୬,୬୪୦ କୋଟି ରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଥିଲେ । ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ

ଭବାନୀପାଟଣା(ନିପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସରିଆଁ ଜଗନ୍ନାଥ ମନ୍ଦିର ପଡିଆରେ ଠାରେ ୧୫୦ତମ କ୍ରାନ୍ତିବୀର ବିର୍ସାମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି । ସଭାପତି ଫକୀର ମୁଣ୍ଡା ନେତୃତ୍ୱ ରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପ୍ରଥମେ ଗ୍ରାମର ଧରଣୀ ପୀଠ ଠାରେ ପୂଜାର୍ଚ୍ଚନା ସାରି ଶହଶହ ମହିଳା ଓ ପୁରୁଷ ମଶାଲ ଯାତ୍ରା ରେ ବାହାରି ସଭାମଂଚକୁ ପହଂଚି ବିର୍ସାମୁଣ୍ଡା ଙ୍କ ଫୋଟୋଚିତ୍ର ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଆଦିବାସୀଙ୍କ ଆନ୍ଦୋଳନର ସୂତ୍ରଧର ବିର୍ସାମୁଣ୍ଡା ଇଂରେଜ ଶାସନରୁ ଦେଶପ୍ରମ ପରିଚୟ ଦେଇ ନିଜ ଜୀବନକୁ ମାତୃଭୂମି



ପାଇଁ ବଳିଦାନ ଦେଇଥିଲେ ମାତ୍ର ୨୫ବର୍ଷ ବୟସରେ । ଉକ୍ତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ବୈଦ୍ୟରାଜ ପବିତ୍ର ଶବର, ସମ୍ମାନିତ ଅତିଥିଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବ୍ଲକ ଆଦିବାସୀ ସମାଜର ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ ସହ ସରିଆଁ ସରପଂଚ ଓମ ପ୍ରକାଶ ଛତ୍ରିଆ ଉପସ୍ଥିତ ଥିବାବେଳେ କଳାହାଣ୍ଡି ଜିଲ୍ଲା ମୁଣ୍ଡା ସମାଜ ତରଫରୁ ସମ୍ପାଦକ କବିରାଜ ମୁଣ୍ଡା, ସହ ସମ୍ପାଦକ ଅଶ୍ୱିନୀ ମୁଣ୍ଡା, ଶବର ସମାଜ ଗବେଷକ ଚନ୍ଦ୍ରଶେଖର ଶବର, କନ୍ଧମାଳ ଜିଲ୍ଲାର ମୁଣ୍ଡା ସମାଜର ସଭାପତି ବିପ୍ର ମୁଣ୍ଡା, ତ୍ରିନାଥ ମୁଣ୍ଡା, ଜଗମୋହନ ମୁଣ୍ଡା, ବିଜୟ କୁମାର ଭୋଇ, ଦକ୍ଷରାଜ ଭୋଇ, ବନମାଳୀ ମାଝୀ, ସମିତି ସଭ୍ୟ ଭାସ୍କର ଭୋଇ, ଗଣେଷ ମୁଣ୍ଡା, କଳାକାର ଲଳିତ ମୋହନ ଭୋଇ, ଶିକ୍ଷୟତ୍ରୀ ଗୌରୀ ମୁଣ୍ଡା ସମେତ ଜିଲ୍ଲା ତଥା ଜିଲ୍ଲା ବାହାରୁ ରୁ ମଧ୍ୟ ସମାଜ ର କର୍ମକର୍ତା ମାନେ ଉପସ୍ଥିତ ରହି ଭଗବାନ ବିର୍ସାମୁଣ୍ଡାଙ୍କ ଜୀବନୀ ଓ ତାଙ୍କ ତ୍ୟାଗ ବିଷୟରେ ବିସ୍ତାରିତ ଭାବେ ବର୍ଣନା କରିଥିଲେ ।

# ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ



ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲା ବୋଇତ ବନ୍ଦାଣ ଉତ୍ସବର ଅନ୍ତିମ ଦିବସ ପବିତ୍ର କାର୍ତିକ ପୁର୍ଣ୍ଣମୀ ଅବସରରେ ନୟାଗଡ଼ ପୁରୁଣା ସହର ସାଗର କୁଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟଅତିଥି ଭାବେ ବିଧାୟକ ଡ଼ ଅରୁଣ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ରଣପୁରର ପୁର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ, ଉପ ଜିଲ୍ଲାପାଳ କଣ୍ଡଦେବ ସମାଦାର, ନୟାଗଡ଼ ପୌରଧକ୍ଷା ନିରୁପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ବୋଇତ ବନ୍ଦାଣ କମିଟିର ସଭାପତି କିଶାନ କୁମାର ଦାସ ଓ ଅଭିନେତ୍ରୀ ଦିବ୍ୟା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଦର୍ଶକ ମାନଙ୍କୁ ଅଭିନେତ୍ରୀ ଦିବ୍ୟା ବାନ୍ଧି ରଖୁଥିଲେ । ସ୍ଥାନୀୟ କଳାକାରଙ୍କ ଦ୍ୱାରା ତଅପୋଇ ନାଟକ ପରିବେଷଣ କରାଯାଇଥିଲା । ମୁଖ୍ୟ ଅତିଥି ଡ. ସାହୁ ନୟାଗଡ଼ ପୁରୁଣା ସହରର ବାସିନ୍ଦା ମାନଙ୍କ ଦ୍ୱାରା ନୟାଗଡ଼ରେ ବୋଇତ ବନ୍ଦାଣ ଉତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହେଉଥିବାରୁ ଖୁସି ବ୍ୟକ୍ତି କରିଥିଲେ । ଉତ୍କଳୀୟ ପରମ୍ପରାର ଏତିହ୍ୟକୁ ବଜାୟ ରଖିବା ପାଇଁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେଉଛି । ହଜାର ହଜାର ଦର୍ଶକ ସାଗର ପୋଖରୀ କୁଳରେ ପହଂଚି ବିଭିନ୍ନ ସାଂସ୍କୃତିକକାର୍ଯ୍ୟକ୍ରମର ମଜା ଉଠାଇଛନ୍ତି । ଅଭିନେତ୍ରୀ ଦିବ୍ୟା ବାନ୍ଧି ରଖୁଥିଲେ । ସ୍ଥାନୀୟ କଳାକାରଙ୍କ ଦ୍ୱାରା ତଅପୋଇ ନାଟକ ପରିବେଷଣ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ କାଉନସିଲର ଓ ଜନ ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

# ସୁକିନ୍ଦା ଠାରେ ଜନଜାତୀୟ ଗୌରବ ଦିବସ ପାଳିତ

ଯାଜପୁର(ନିପ୍ର): ସୁକିନ୍ଦା ଠାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନନ୍ୟ ବିପ୍ଳବୀ ତଥା ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ୧୫ ନଭେମ୍ବର ୨୦୨୪ ଦିବସକୁ ଜନ ଜାତୀୟ ଗୌରବ ଦିବସ ରୂପେ ପାଳନ କରାଯାଇଛି । ଏହି ଅବସରରେ ଭାରତ ସରକାରଙ୍କ ପଂଚାୟତି ରାଜ ମନ୍ତ୍ରଣାଳୟ ଦ୍ୱାରା ଦେଶର ସମସ୍ତ ଅନୁସୂଚିତ ଜନଜାତି ବହୁଳ ଗ୍ରାମ ପଂଚାୟତରେ ସ୍ୱତନ୍ତ୍ର ଗ୍ରାମ ସଭା ମାନ ଆୟୋଜନ କରାଯାଇଛି । ସ୍ୱତନ୍ତ୍ର ଗ୍ରାମ ସଭା ବୈଠକରେ ପେସା, ଜଙ୍ଗଲ ଅଧିକାର ଆଇନ ପଂଚାୟତ ବିକାଶ ସୂଚୀ ଆଦି ବିଷୟରେ ଜନ ସାଧାରଣଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଯିବ । ଏହି ଅବସରରେ ଓଡ଼ିଶାର ସମବାୟ , ବୟନଶିଳ୍ପ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ସହିଦ ବିର୍ସା ମୁଣ୍ଡାଙ୍କ ଫୋଟଚିତ୍ର ରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ । ସ୍ୱାଧୀନତା ସଂଗ୍ରାମରେ ମହାନ ବିପ୍ଳବୀ ବିର୍ସା ମୁଣ୍ଡାଙ୍କର ସଂଗ୍ରାମର



ବିରତ୍ୱ କାହାଣୀ ସମ୍ପର୍କରେ ମନ୍ତ୍ରୀ ଅବଗତ କରାଇ ଥିଲେ । ଯାଜପୁର ଜିଲ୍ଲାପାଳ ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଜିଲ୍ଲା କଲ୍ୟାଣ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ୧୩ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ପି.ଏମ.ଜନ ମନ ଯୋଜନାରେ ୧୦ ଜଣଙ୍କୁ ଆଧାର କାର୍ଡ ବଂଟନ କରିଥିଲେ । ଧରତୀ ଆବା ଜନଜାତୀୟଗ୍ରାମ ଉତ୍କର୍ଷ ଯୋଜନାରେ ଓଡ଼ିଶାରେ ୨୭ ଟି ଜିଲ୍ଲାର ୭୬୬୭ଟି ଗ୍ରାମକୁ ଏହି ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି । ଏହି ଉତ୍ସବରେ ବନ୍ଧଗାଁ ଆଶ୍ରମ ସ୍କୁଲ୍‌ର ଛାତ୍ର ଛାତ୍ରୀ ଆମ ଘର ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇ ଥିଲା । ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର, ଆଧାର କ୍ୟାମ୍ପ, କୃଷି, ପ୍ରାଣୀ ସଂପଦ, ପେନସନ, ରାସନ୍ କାର୍ଡ, ମିଶନ ଆଶ୍ରାର ବାଉଁଶ କାରୁକାର୍ଯ୍ୟ, ଆଦିବାସୀ ମହିଳା ସ୍ୱୟଂ ସହାୟକ ଦଳଙ୍କ ଦ୍ୱାରା ପ୍ରସ୍ତୁତ ବଡ଼ି, ଆଚାର, ଅନ୍ୟାନ୍ୟ ସାମଗ୍ରୀ ଭଳି ୧୧ଟି ପ୍ରଦର୍ଶନୀ ଷ୍ଟଲ୍ ଖୋଲା ଯାଇଥିଲା । ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ତହସିଲଦାର ମାନସ ରଂଜନ ତ୍ରିପାଠୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

# ଶିଶୁ ମହୋତ୍ସବ 'ମହକ' ଉଦ୍‌ଘାଟିତ

ଜଳେଶ୍ୱର(ନିପ୍ର): ଜଳେଶ୍ୱରର ଦୀର୍ଘ ୨୫ବର୍ଷ ଧରି ନୃତ୍ୟ ଶିକ୍ଷାଦାନ କରି ଆସୁଥିବା ନୃତ୍ୟଶିଖା ଫାଉଣ୍ଡେସନର ଶିଶୁ ମୋତ୍ସବ 'ମହକ' ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଜଳେଶ୍ୱରରେ ଥିବା ଅନ୍ୟଅନୁଷ୍ଠାନକୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଚିତ୍ରାଙ୍କନ, ସଂଗୀତ ଓ ଦଳଗତ ନୃତ୍ୟ ପ୍ରତିଯୋଗୀତାରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସରୋଜ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମକୁ ପୌରପାଳ ପ୍ରତୀପ ପ୍ରଧାନ ଉଦ୍‌ଘାଟନ କରି ଏପରି କାର୍ଯ୍ୟକ୍ରମ ଜଳେଶ୍ୱରର ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ପ୍ରତ୍ସାହନ ଯୋଗାଇ ଆସିଛି ଓ ଆସନ୍ତା ଦିନରେ ଏହାର ଉତ୍ତୋରତର ଉନ୍ନତି ହେବା ସହିତ ପ୍ରତିଷ୍ଠାତା ଗୁରୁ ସୁଶାନ୍ତ ବେହେରାଙ୍କ ଏଭଳି ମାନସିକତାକୁ ପ୍ରଶଂସା କରିଥିଲେ । ମୁଖ୍ୟ ଅତିଥିଭାବେ ନାଟ୍ୟାଚାର୍ଯ୍ୟ ରାଧାକୃଷ୍ଣ ଗିରି ଯୋଗଦେଇ ସମାଜରୁ ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟର ମୂଲ୍ୟବୋଧ କମୁଥିବା ବେଳେ ଏହାର ପୁନଃରୁଦ୍ଧାର ହେବା ସଂପର୍କରେ କହିଥିଲେ । ମୁଖ୍ୟବକ୍ତାଭାବେ ଡ. ବିବେକାନନ୍ଦ ସାହୁ ଯୋଗ ଦେଇ ସଂଗୀତ ଓ ନୃତ୍ୟ କେବଳ ଅବସର ବିନୋଦନ ନୁହେଁ ସୃଜନୀଶକ୍ତିକୁ ପ୍ରତ୍ସାହିତ କରେବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସିଦ୍ଧେଶ୍ୱର କ୍ଲବ ସଭାପତି ଉମାକାନ୍ତ ଜେନା, ଉତ୍ସର୍ଗର ସଭାପତି ରତିକାନ୍ତ ମିଶ୍ର ଓ ଖଗେନ୍ଦ୍ର ବେହେରା, ନରହରୀ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କନ୍‌ଭେଂଟ ସ୍କୁଲ, ପବ୍ଲିକ ସ୍କୁଲ ଓ ଆର୍‌କେ ସରକାରୀ ସ୍କୁଲର କୃତିଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇ ଥିଲା । ନୃତ୍ୟଶିକ୍ଷା ଫାଉଣ୍ଡେସନର ୧୦୦ ପ୍ରତିଯୋଗୀଙ୍କୁ ଗୁରୁ ସୁଶାନ୍ତ ବେହେରା ପୁରସ୍କୃତ କରିବା ସହ ଉଦ୍ଦେଶ୍ୟଜ୍ଞାପନ କରିଥିଲେ ।

# ଟାଟା ଷ୍ଟିଲ ଯୋଡ଼ା ଇଷ୍ଟ ଖଣି ପକ୍ଷରୁ 'ଖଣି ସୁରକ୍ଷା ସପ୍ତାହ' ପାଳିତ

କେନ୍ଦୁଝର(ନିପ୍ର): ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ଯୋଡା ଇଷ୍ଟ ଲୌହ ଖଣି ପକ୍ଷରୁ ଶୁକ୍ରବାର ୪୨ତମ 'ଖଣି ସୁରକ୍ଷା ସପ୍ତାହ' ପାଳିତ ହୋଇ ଯାଇଛି । ଡାଇରେକ୍ଟର ଜେନେରାଲ ଅଫ ମାଇନ୍ସ ସେଫ୍ଟି (ଡି ଜି ଏମ୍ ଏସ୍) ର ଭୁବନେଶ୍ୱର ଆଂଚଳିକ ଶାଖା ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ, ଖଣି ସୁରକ୍ଷା ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା । ଏହି ସଭାରେ କମଳାକାନ୍ତ ନନ୍ଦ, କାଶିଆ ଲୌହ ଖଣି; ଏସ୍ ଭାରତ, ଓଡିଶା ସ୍ୟାଣ୍ଡ କମ୍ପ୍ଲେକ୍ସ; ବଳଭଦ୍ର ଦାସ, କାଶଭି ଇଂଟରନ୍ୟାସନାଲ ପ୍ରାଃ ଲିଃ, ନିରଞ୍ଜନ ଖିଲାର, ସୁକିନ୍ଦା ଖଣି, ଇମ୍ପା; ଅତୁଲ କୁମାର ଭଟନଓଗର, ଜେନେରାଲ ମ୍ୟାନେଜର (ଓଏମ୍‌କ୍ୟୁ), ରାଜେଶ କୁମାର, ଚିଫ, ଯୋଡା, ଟାଟା ଷ୍ଟିଲ, ହରିଦ୍ରୁମତ ବେହେରା, ହେଡ୍, ଯୋଡା ଇଷ୍ଟ ଖଣି, ଟାଟା ଷ୍ଟିଲ ଓ କମ୍ପାନୀ ର ଅନ୍ୟାନ୍ୟ କର୍ମଚାରୀମାନଙ୍କ ସହ ଯାନ୍ତ୍ରିକ ସେବା ପ୍ରଦାନକାରୀ



ସଂସ୍ଥା ମାନଙ୍କର ପ୍ରତିନିଧି ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ । ଶ୍ରୀ ନନ୍ଦ, ସଂଯୋଜକ ଭାବରେ ନିଜର ବକ୍ତବ୍ୟ ଉପସ୍ଥାପନ କରି, ଉପସ୍ଥିତ ଶ୍ରୋତାମାନଙ୍କୁ ଖଣିର ଉତୋଳନ ଠାରୁ ଆରମ୍ଭ କରି ବ୍ୟବହାର ଯୋଗୀ ବସ୍ତୁର ଉତ୍ପାଦନ ପର୍ଯ୍ୟନ୍ତ, ଖଣିର ସୁରକ୍ଷା ଓ ସୁପରିଚାଳନା ସହ ପରିବେଶୀୟ ସନ୍ତୁଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହା ପୂର୍ବରୁ ନିରୀକ୍ଷଣକାରୀ ଦଳ ଯୋଡା ଇଷ୍ଟ ଲୌହ ଖଣିର ପ୍ରମୁଖ ସ୍ଥାନ ପରିଦର୍ଶନ କରି ଟାଟା ଷ୍ଟିଲ ଦ୍ୱାରା ପରିବେଶ ଓ ଖଣି ସୁରକ୍ଷା ଉପରେ ନିଆଯାଇଥିବା ପଦକ୍ଷେପ ସବୁ ବୁଲି ଦେଖିଥିଲେ । ବିଶେଷକରି ଇକ୍ୟୁପମେଂଟ ମ୍ୟାନେଜମେଂଟ ସିଷ୍ଟମ, ପ୍ରୋସେସିଂ ପ୍ଲାଂଟ ଇତ୍ୟାଦି ସ୍ଥାନ ଗୁଡିକ ବୁଲି କମ୍ପାନୀର ସୁରକ୍ଷା ଏବଂ ପରିବେଶ ସୁରକ୍ଷା ପ୍ରତି ଥିବା ପ୍ରତିବଦ୍ଧତା କୁ ପ୍ରଶଂସା କରିଥିଲେ । ପ୍ରଚାର ଓ ପ୍ରସାର ଭିତିକ ପ୍ରଦର୍ଶନୀ ରେ ସେମାନେ ଯାନ୍ତ୍ରିକ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ରଦର୍ଶିତ ପରିବେଶ ଓ ଖଣି ସୁରକ୍ଷା ସମ୍ପର୍କିତ ମଡେଲ ପରିଦର୍ଶନ କରି ଖଣିରେ ବ୍ୟବହୃତ ଡ୍ରୋନ ସର୍ଭେ, ବେଂଚ ରିମୋଟ୍, ବେଲ୍ଟ କନଭେୟର ସେଫ୍ଟି, ରିମୋଟ୍ ଡ୍ରିଲିଙ୍ଗ, ଡ୍ରାଇଭିଂ ସୁରକ୍ଷା, ଭଳି ବିଭିନ୍ନ ଯନ୍ତ୍ର ସବୁକୁ ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଖଣି ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଓ ପୋଷ୍ଟର ପ୍ରଦର୍ଶିତ ହୋଇଥିଲା । ସଭା ଶେଷରେ ପୁରସ୍କାର ବିତରଣ ସହ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

C-1001

**GOVERNMENT OF ODISHA**
**OFFICE OF THE BHADRAK MUNICIPAL COUNCIL, BHADRAK, ODISHA,**
*******

**e-Quotation Call Notice**
**QUOTATION CALL THROUGH e-Procurement**
**Identification No. BM-BDK-02/2024-25, DT. 12.11.2024**
**Quotation Call Notice No. 5390 / dt. 12/11/2024**

| | | |
|---|---|---|
| 1. | Name of the work | : Budgetary Offer for Supplying & fixing of different non-schedule item of works for different projects in Bhadrak Municipality |
| 2. | Date and time of availability bid document in the portal | : From 11.00 hours of Dt.16.11.24 to 17.00 hours of Dt.27.11.24 |
| 3. | Date and time of opening of bid | : 11.00 hours and onwards of Dt. 28.11.2024 |
| 4. | Name and address of the Officer Inviting Bid | : Executive Officer, Bhadrak Municipality, Bhadrak. |

Further details can be seen from the e-procurement portal https://tendersorissa.gov.in" or "http://tenders.ori.nic.in/nicgep/app"

Sd/-
Executive Officer
Bhadrak Municipality

OIPR. 13152/11/0013/2425











କୌଣସି ଲୋକ ତା ଭାଗ୍ୟ ଉପରେ ସନ୍ତୁଷ୍ଟ ନୁହେଁ, ସେହିପରି ତା'ର ବିକାଶ ଉପରେ ସେ ଖୁସି ଥାଏ ।

# ଆଜିକାଲି




ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ॥
(ଶ୍ରୀମଦ୍ ଭଗବଦ୍ ଗୀତା)
ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ

## ଶିକ୍ଷାକ୍ଷେତ୍ରରେ ବଡ଼ ଘୋଷଣା

ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଆଉ ଏକ ବଡ଼ ଘୋଷଣା । ଶିଶୁ ଦିବସ ଉପଲକ୍ଷେ ଅନୁଷ୍ଠିତ ଶିଶୁ ସମାରୋହ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଭିନ୍ନ ଘୋଷଣା ବେଳେ ମଧ୍ୟାହ୍ନ ଭୋଜନ ମୂଲ୍ୟ ୧ ଟଙ୍କାକୁ ବଢ଼ାଇଛନ୍ତି । ଛୋଟ ସ୍କୁଲ ପିଲାମାନେ ସମଗ୍ର ରାଜ୍ୟର ଲକ୍ଷାଧିକ ମଧ୍ୟାହ୍ନ ଭୋଜନ ଉପରେ ନିର୍ଭର କରିଥାନ୍ତି । ବିଶେଷ କରି ଗରୀବ ଘରର ଛାତ୍ରଛାତ୍ରୀ ମାନେ ଆଗ୍ରହ ସହ ମଧ୍ୟାହ୍ନ ଭୋଜନକୁ ଅପେକ୍ଷା କରିଥାନ୍ତି । ଏହି କାର୍ଯ୍ୟକ୍ରମ ବହୁ ବର୍ଷ ଧରି ଚାଲି ଆସୁଛି । ଦରଦାମ ବୃଦ୍ଧି ଯୋଗୁଁ ଏହି କାର୍ଯ୍ୟକ୍ରମରେ ପ୍ରଭାବ ପଡ଼ିଛି । ମଧ୍ୟାହ୍ନଭୋଜନରେ ଭାତ, ଡାଲମା ସହ ସୋୟାବିନ ତରକାରୀ ସହ ଅଣ୍ଡା ମଧ୍ୟା ଯୋଗାଇ ଦିଆଯାଉଥିଲା । ଅଣ୍ଡାମୂଲ୍ୟ ବଢ଼ିବାରେ ଅଧିକାଂଶ ବିଦ୍ୟାଳୟରେ କେବଳ ଭାତ ଓ ଡାଲମା ଯୋଗାଇ ଦିଆଯାଉଛି ବୋଲି ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଏହି ମୂଲ୍ୟ ବଢ଼ାଇବା ଯୋଗୁଁ କିଭଳି ପିଲାମାନେ ପୁଷ୍ଟିକର ଖାଦ୍ୟ ପାଇବେ ଏ ନେଇ ମଧ୍ୟ ସାଧାରଣରେ ଆଲୋଚନା ହେବା ସ୍ୱାଭାବିକ । କେତେକ କହୁଛନ୍ତି ଏହି ସମସ୍ୟାର କିଛିଟା ସମାଧାନ ହୋଇପାରେ । ଏଥିସହ ଏହି ନୂତନ ଘୋଷଣାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ଐତିହ୍ୟ ବିଦ୍ୟାଳୟର ଶୁଭାରମ୍ଭ ମଧ କରିଛନ୍ତି । ଏଣିକି ଆଦର୍ଶ ବିଦ୍ୟାଳୟ ଅନ୍ତେବାସୀଙ୍କ ମାସିକ ଖର୍ଚ୍ଚ ସରକାର ବହନ କରିବେ । ଫଳରେ ଏହା ବିଦ୍ୟାର୍ଥୀଙ୍କ ପାଇଁ ଖୁସିର ଖବର ବୋଲି କୁହାଯାଇ ପାରେ । ଏହି ଘୋଷଣା ଦିନରୁ ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟାଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ । ୬ ହଜାର ୭ ଶହ ୯୪ ଟି ବିଦ୍ୟାଳୟ ନିର୍ମାଣ କରାଯିବ । ସତ୍ୟବାଦୀ ବକୁଳବନ ବିଦ୍ୟାଳୟ ଭଳି ଏହି ବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଷ ସୃଷ୍ଟି ହେବା ନିଶ୍ଚିତ । କେବଳ ସେତିକି ନୁହେଁ ରାଜ୍ୟର ପୂର୍ବତନ ବିଦ୍ୟାଳୟରେ ସଂରକ୍ଷଣ ଏବଂ ପୁନରୁଦ୍ଧାର ପାଇଁ ଐତିହ୍ୟ ବିଦ୍ୟାଳୟ ମଧ ମୋହନ ସରକାର ଆରମ୍ଭ କରିଛନ୍ତି । ଅପରପକ୍ଷେ ରାଜ୍ୟର ୧୦୦ ବର୍ଷରୁ ଅଧିକ ପୁରାତନ ବିଦ୍ୟାଳୟ କିମ୍ବା ସର୍ବପୁରାତନ ବିଦ୍ୟାଳୟର ଅଧିକ ବିକାଶ ହେବ ବୋଲି ସେ କହିଛନ୍ତି । ତାଙ୍କର ଏହି ଘୋଷଣାକୁ ପରିବାର ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ସ୍ୱାଗତ କରିଛନ୍ତି । ଆମେ ମନେ କରୁଛୁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଓଡ଼ିଶାର ଶିକ୍ଷାକ୍ଷେତ୍ରକୁ ଅଧିକ ସୁଦୃଢ଼ କରିବ ଏଥିରେ ସନ୍ଦେହ ନାହିଁ ।

ଆନ୍ତର୍ଜାତିକ ସହିଷ୍ଣୁତା ଦିବସ

## ସର୍ବେ ଭଦ୍ରାଣି ପଶ୍ୟନ୍ତୁ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ପ୍ରତିବର୍ଷ ନଭେମ୍ବର ୧୬ ତାରିଖକୁ ବିଶ୍ୱବ୍ୟାପୀ ଆନ୍ତର୍ଜାତିକ ସହିଷ୍ଣୁତା ଦିବସ ଭାବେ ପାଳନ କରାଯାଇ ଥାଏ । ଅସହିଷ୍ଣୁତା ବିରୋଧରେ ଜନ ସଚେତନତା ସୃଷ୍ଟି କରାଯିବାକୁ ମିଳିତ ଜାତିସଂଘ ଶୈକ୍ଷିକ ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରା ଯାଇଥାଏ । ଅସହିଷ୍ଣୁତା ବିରୋଧରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଶେଷ କରି ପରସ୍ପର ମଧ୍ୟରେ ଥିବା ଈର୍ଷା ଏବଂ ପ୍ରତିଯୋଗିତା ମନୋଭାବ ପରିତ୍ୟାଗ କରିବା, ଯୁଦ୍ଧ ଠାରୁ ଦୂରେଇ ରହିବା, ମାନବାଧିକାରର ସୁରକ୍ଷା, ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ମୈତ୍ରୀ ଭାବ ସ୍ଥାପନ କରିବା ଦିଗରେ ସଚେତନତା ସୃଷ୍ଟି କରା ଯାଇ ଥାଏ । ୧୯୯୬ ଠାରୁ ବିଶ୍ୱରେ ମିଳିତ ଜାତିସଂଘର ସଦସ୍ୟ ରାଷ୍ଟ୍ରଗୁଡ଼ିକ ଏହି ଦିବସ ପାଳନ କରିଆସୁଛନ୍ତି । ଚଳିତ ବର୍ଷର ଏହି ଦିବସ ପାଇଁ ବାର୍ତ୍ତା ହେଉଛି - 'ପ୍ରସପରିଂ ଫ୍ରମ୍ ପ୍ଲୁରାଲିଜମ୍ : ଏମ୍ବ୍ରାସିଂ ଡାଇଭରସିଟି ଥ୍ରୋ ଇନୋଭେସନ ଆଣ୍ଡ କୋଲାବରେସନ' । କ୍ଷମା, ସହିଷ୍ଣୁତା, ଦୟା, ପ୍ରେମ, ଶ୍ରଦ୍ଧା ଓ ବିଶ୍ୱାସ ଇତ୍ୟାଦି ଭଗବତ୍ ପ୍ରଦତ୍ତ ଗୁଣ । ଏହି ସଦ୍‌ଗୁଣର ଆଲୋକରେ ଆଲୋକିତ ବ୍ୟକ୍ତି ଦେବତା ବା ଦୀପ୍ତିମାନ୍ ସତା ଭାବରେ ପୂଜିତ ଓ ବିଶ୍ୱବନ୍ଦିତ । ଏମାନେ ସମାଜର ପଥପ୍ରଦର୍ଶକ ଓ ମାର୍ଗଦର୍ଶକ । ଏହି ପ୍ରସଙ୍ଗରେ ଯୁଗାବତାର ପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ ଉଲ୍ଲେଖ କରିଛନ୍ତି - ସହିଷ୍ଣୁତା ମାନେ ପଳାୟନ ନୁହେଁ, ବରଂ ପ୍ରେମର ସହିତ ଆଲିଙ୍ଗନ । ଯେଉଁ ସାଧନା କଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୂରତା, କଠୋରତା ଓ ହିଂସା ଆସେ, ତାହା ଆପାତତଃ ଲାଭଜନକ ହେଲେ ମଧ ତା'ପାଖକୁ ଯାଅନାହିଁ । ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ରସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଟୁକୁରା ଟୁକୁରା କରିଦେଇପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ତୁମ ହୃଦୟରେ ଯଦି ପ୍ରେମ ନଥାଏ ତେବେ ତୁମର କିଛି ମଧ ହୋଇନାହିଁ । ପ୍ରେମକୁ ପ୍ରାର୍ଥନା କର, ଆଉ ହିଂସାକୁ ଦୂରରୁ ପରିହାର କର, ଜଗତ ତୁମ ଆଡ଼କୁ ଆକୃଷ୍ଟ ହେବ । ସନ୍ଦେହର ନିରାକରଣ କର, ଆଉ ବିଶ୍ୱାସର ସିଂହାସନରେ ଭକ୍ତିକୁ ବସାଅ, ହୃଦୟରେ ଧର୍ମରାଜ୍ୟ ସଂସ୍ଥାପିତ ହେଉ । ଭକ୍ତକବି ମଧୁସୂଦନ ରାଓ କହିଲେ - ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର । ବ୍ୟକ୍ତି, ଦମ୍ପତି, ପରିବାର, ସମାଜ, ଦେଶ ଓ ରାଷ୍ଟ୍ର ମଧ୍ୟରେ ସହିଷ୍ଣୁତା ହିଁ ହେଉଛି ଶାନ୍ତି ରାଜ୍ୟର ଚାବିକାଠି । ଜଗତର ସମସ୍ତ ଅଶାନ୍ତିର ମୂଳ ହେଉଛି ଏହି ଅସହିଷ୍ଣୁତା ଓ ଅପ୍ରେମ । ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ପ୍ରସଙ୍ଗରେ ବଜ୍ର ନିର୍ଘୋଷ କଣ୍ଠରେ ଉଲ୍ଲେଖ କଲେ - କ୍ଷମା କରିବାକୁ ହୁଏ ଏଭଳି ଭାବରେ ଯାହାଦ୍ୱାରା କ୍ଷତିର ପଥରୁଦ୍ଧ ହୁଏ । ଜଣେ ନରହନ୍ତାକାରୀକୁ ଯଦି କ୍ଷମା କରିବାକୁ ହୁଏ, ତେବେ ତାକୁ ଏପରି ଭାବରେ ଅନୁତପ୍ତ କରି ଉଠାଇବାକୁ ହେବ, ଯାହାଦ୍ୱାରା ସେ ପୁନରାୟ ନରହତ୍ୟା କରିବା ଅସମ୍ଭବ ହୋଇଉଠେ । ଭଗବାନ ଆମ୍ଭ ମାନଙ୍କୁ ଯେଉଁ ସ୍ୱାଧୀନ ଇଚ୍ଛାଶକ୍ତି ଦେଇଛନ୍ତି ତାହାକୁ ନେଇ ଆମ୍ଭେ ମାନେ ଯେତେବେଳେ ପ୍ରବୃତ୍ତିର ଅଧୀନ ହୋଇପଡ଼ୁ, ଈଶ୍ୱରଙ୍କ ସେବା ନକରି ପ୍ରବୃତ୍ତିର ସେବା କରୁ ସେତେବେଳେ ସନ୍ଦେହ ସୃଷ୍ଟି ହୁଏ । ଭଗବାନଙ୍କ ରାଜ୍ୟରେ ସବୁ ସୁନ୍ଦର, ଅସୁନ୍ଦର କିଛି ନାହିଁ । ଅସୁନ୍ଦର ବା ଅସହିଷ୍ଣୁତା ହୁଏ ଆମ୍ଭ ମାନଙ୍କର ପ୍ରୟୋଗର ଦୋଷରେ । ଈଶ୍ୱର ବା ଗୁରୁଙ୍କ ପ୍ରତି ବୃତିଭେଦୀ ଆକର୍ଷଣ ଯେତେବେଳେ କୃଶ ହୋଇ ଉଠେ, ସେତେବେଳେ ଅସହିଷ୍ଣୁତା ବା ଅପ୍ରେମ ଆମ୍ଭମାନଙ୍କୁ ଗ୍ରାସ କରେ । ଭ୍ରାନ୍ତି ସେତେବେଳେ ଆସେ, ଯେତେବେଳେ ଉତ୍ସବିମୁଖ ଚଳନ ଆମ୍ଭମାନଙ୍କୁ ପାଇବସେ । ତେଣୁ ଅସହିଷ୍ଣୁତା, ଅପ୍ରେମ, ପରଶ୍ରୀକାତରତା, ହିଂସା, ଦ୍ୱେଷ, କ୍ଷୁଦ୍ର-ମାନସିକତା ଓ ବୃତି ମୁଖୀନତା ଇତ୍ୟାଦି ପ୍ରବୃତି ସୃଷ୍ଟ । ବୃତି-ପ୍ରବୃତିର ଉର୍ଦ୍ଧ୍ୱରେ ବାସ କରୁଥିବା ଜୀବନ, ଚେତନା, ଜ୍ଞାନ, ବିଜ୍ଞାନ, ଆନନ୍ଦ, ଶାନ୍ତି ଓ ପ୍ରେମର ଅବତାର ସଦ୍‌ଗୁରୁଙ୍କ ପାଖରେ ଶରଣାପନ୍ନ ହିଁ ଏହି ସମସ୍ୟାର ସମାଧାନ । କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର ଓ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ, ମୁଁ ନିଶ୍ଚୟ କହୁଛି, ତୁମର ଉନ୍ନୟନ ନିମି□ ଆଉ ଭାବିବାକୁ ହେବନାହିଁ । 'ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍ ।'

*ସହ-ପ୍ରତିରକ୍ଷିକ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

## ବିଶିଷ୍ଟ ସନ୍ତରଣକାରୀ ମିହିର୍ ସେନ

ଜନ୍ମ - ୧୬ ନଭେମ୍ବର
ମୃତ୍ୟୁ - ଜୁନ୍ ୧୧
୨୭ ସେପ୍ଟେମ୍ବର
(ଇଂଲିଶ ଚ୍ୟାନେଲ ସନ୍ତରଣ କରିଥିଲେ)




ବିଶିଷ୍ଟ ସନ୍ତରଣକାରୀ ମିହିର ସେନ ୨୭ ସେପ୍ଟେମ୍ବର ୧୯୫୮ ମସିହାରେ ଡୋଭର୍‌ରୁ କାଲେ ପର୍ଯ୍ୟନ୍ତ ପହଁରି ଇଂଲିଶ ଚ୍ୟାନେଲ୍‌ରେ ପ୍ରଥମ ଭାରତୀୟ ବିଜେତା ଭାବରେ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଥିଲେ । କେବଳ ସେତିକି ନୁହେଁ, ଦୁଃସାହାସିକ ରୋମା□ର ଅନୁଧାବନ କରି ସେ ୧୯୬୬ ମସିହାରେ ପା□ଟି ମହାଦେଶର ବିଭିନ୍ନ ସାଗର ପ୍ରଣାଳୀ ମାନଙ୍କୁ ଯେପରିକି ଭାରତ ଓ ସିଂହଳ ଭିତରର ପାକ୍ ଷ୍ଟ୍ରେଟସ, ସ୍ପେନ ଓ ମରୋକ୍କୋ ଭିତରର ଷ୍ଟ୍ରେଟ୍‌ସ ଅଫ୍ ଜିବ୍ରାଲିଟର୍, ତୁର୍କିସ୍ତାନର ଆଏଜିଆନ୍ ସି ଏବଂ ସି ଅଫ୍ ମାର୍ମରା ମଝିରେ ଥିବା ଷ୍ଟ୍ରେଟ୍ ଅଫ୍ ଡାର୍ଡାନେଲିସ୍, ତୁର୍କିସ୍ତାନର ଅନ୍ୟତମ ପ୍ରଣାଳୀ ବସ୍‌ଫରସ୍, ଯାହା ବ୍ଲାକ୍ ସି ଓ ଭୂମଧ ସାଗରକୁ ଯୋଡ଼େ ଏବଂ ଇସ୍ତାନ୍‌ବୁଲ୍‌କୁ ଦୁଇଭାଗ କରିଥାଏ, ତଥା ଆଟ୍‌ଲାଂଟିକ୍ ଓ ପ୍ରଶାନ୍ତ ମହାସାଗରକୁ ଯୋଡୁଥିବା ୭୭ କିଲୋମିଟରର ପାନାମା କେନାଲକୁ ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ୱାର୍ଲଡ଼ ରେକର୍ଡ଼ରେ ସ୍ଥାନ ଲାଭ କରିଥିଲେ । ୧୯୩୦ ମସିହା ୧୬ ନଭେମ୍ବରରେ ପୁରୁଲିଆରେ ଜନ୍ମ ଗ୍ରହଣ କରିଥିବା ମିହିର ସେନ୍ ମାତ୍ର ଆଠ ବର୍ଷ ବୟସ୍କ ହୋଇଥିବା ସମୟରେ ପୋଷାରେ ଡାକ୍ତର ଥିବା ତାଙ୍କ ବାପା ଡାକ୍ତର ରମେଶ ସେନଗୁପ୍ତାଙ୍କ ସହ କଟକ ଚାଲି ଆସିଥିଲେ । ପ୍ରାରମ୍ଭିକ ପାଠପଢ଼ା ତାଙ୍କର କଟକର ରେଭେନ୍ସା କଲିଜିଏଟ ସ୍କୁଲ ଓ ପରେ ଉଚ୍ଚଶିକ୍ଷା ରେଭେନ୍ସା କଲେଜରୁ ପାଇଥିଲେ । ଏଠାରେ ସୂଚାଇ ଦିଆଯାଇପାରେ ଯେ, ୩୫୦ ମାଇଲ ଦୈର୍ଘ୍ୟ ଓ ଚଉଡା ସ୍ଥାନରେ ପ୍ରଶସ୍ତ ଥିବା ୧୫୦ ମାଇଲ ବିଶିଷ୍ଟ ଇଂଲିଶ ଚ୍ୟାନେଲ ହେଉଛି ଆଟ୍‌ଲାଂଟିକ ମହାସାଗରର ଏକ ପ୍ରମୁଖ କ୍ଷେତ୍ର । ଏହା ନର୍ଥ ସି କୁ ଆଟ୍‌ଲାଂଟିକ ସହିତ ସଂଯୋଗ କରିଥାଏ । ମିହିର ସେନ୍ ଲଣ୍ଡନରେ ବାରିଷ୍ଟରି ପାଠ ପଢ଼ିବା ସମୟରେ ଭାରତୀୟ ହାଇକମିଶନରରେ ଜଣେ କିରାଣୀ ଭାବେ ଏକ ପ୍ରକାର ପାର୍ଟ ଟାଇମ୍ ଚାକିରୀ କରୁଥିଲେ । ବିଧିବଧ ଭାବେ ସେ ସନ୍ତରଣ ପାଇଁ ସେପରି ପ୍ରଶିକ୍ଷା ନ ପାଇବି ସେ କିନ୍ତୁ ଏହି ଚ୍ୟାନେଲ୍ ଅତିକ୍ରମ କଲାପରେ ସମଗ୍ର ବିଶ୍ୱରେ ସେ ନିଜ ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଥିଲେ । ମିହିର ସେନ ସର୍ବପ୍ରଥମେ ୧୫ ଅଗଷ୍ଟ ୧୯୫୫ ମସିହାରେ ଇଂଲଣ୍ଡର ସମୁଦ୍ର କୂଳରୁ ସନ୍ତରଣର ପ୍ରାରମ୍ଭିକ ଯାତ୍ରା ଆରମ୍ଭ କରି ଥିଲେ । ତେବେ ସେ ପ୍ରାଥମିକ ଅବସ୍ଥାରେ ସେପରି ସଫଳତା ପାଇନଥିଲେ । ହଜାରେ ବର୍ଷର ପରିଚୟକୁ ନେଇ ସମୃଦ୍ଧ କଟକ ସହରରେ ନିଜ କିଶୋର ଜୀବନ ବିତାଇ ଯେଉଁ ଦୁଇଜଣ ପ୍ରସିଦ୍ଧ ବଙ୍ଗାଳୀ ଯୁବକ ପୃଥିବୀ ବିଖ୍ୟାତ ହୋଇଥିଲେ ଜଣେ ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଅନ୍ୟ ଜଣେ ଥିଲେ ମିହିର ସେନ୍ । ଅନେକ ହୁଏତ ଜାଣି ନାହାଁନ୍ତି ଏହି କଟକ ସହରର ବୁଢ଼ୀ ଠାକୁରାଣୀ ସାହିରେ ଫକିରବାଡ଼ା ପୋଖରୀ କୂଳରେ ଥିବା ତାଙ୍କ ବାପାଙ୍କ ଘରେ ସେ ସେହି ପୋଖରୀ କୂଳକୁ ଚାହିଁ ସନ୍ତରଣ ପାଇଁ ସ୍ୱପ୍ନ ଦେଖିଥିଲେ । ସେ ତାଙ୍କ ସନ୍ତରଣ ଜୀବନର ସ୍ମରଣୀୟ ମୁହୂ□କୁ ଯେଉଁ ଭାବର ସହିତ ଲେଖିଥିଲେ ତାହା ପ୍ରଖ୍ୟାତ୍ ସାମ୍ବାଦିକ, ସ୍ତମ୍ଭକାର ଓ ଲେଖକ ଖୁସ୍‌ୱନ୍ତ ସିଂହଙ୍କ ଦ୍ୱାରା ସମ୍ପାଦିତ 'ଯୋଜନା' ପତ୍ରିକାରେ ୨୬ ଜାନୁୟାରୀ ୧୯୫୯ ମସିହାର ସଂଖ୍ୟାରେ ପ୍ରକାଶ ପାଇବା ପରେ ଏହା ପାଠକୀୟ ମହଲରେ ବେଶ୍ ଆଦୃତି ଲାଭ କରିଥିଲା । ସେ ଇଂଲିଶ ଚ୍ୟାନେଲକୁ ଅତିକ୍ରମ କରିବା ପାଇଁ ଅନେକ ଯୋଜନା କରୁଥିବା ସମୟରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କଠାରୁ ସହଯୋଗ ପାଇବା ପାଇଁ ଖଣ୍ଡେ ଚିଠି ଲେଖିଥିଲେ । କିନ୍ତୁ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ ଯେତେବେଳେ ନେହରୁଙ୍କ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ତାଙ୍କ ଚିଠିର ପ୍ରତ୍ୟୁ□ର ପାଇବା ସହ ଭାରତ ସରକାରଙ୍କ ପାଖରୁ କିଛି ଆର୍ଥିକ ସହାୟତା ମଧ ପାଇ ଥିଲେ । ଯଦିଓ ପରବ□ୀ ସମୟରେ ପ୍ରଫେସର ହୁମାୟୁନ କବୀର, ପିସି ସେନ୍, ଡକ୍ଟର ଶ୍ରୀମାଳୀ ଓ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ସହଯୋଗ ଓ ପ୍ରୋତ୍ସାହନ ପାଇଥିଲେ । ସେ ବିଦେଶରେ ଥିବା ସମୟରେ ବେଲାର ନାମକ ଜଣେ ଇଂଲିଶ ଯୁବତୀଙ୍କୁ ବିବାହ କରିଥିଲେ । ମିହିର ସେନ ବିଦେଶରୁ ବିଧିବଦ୍ଧ ଭାବେ ଓକିଲାତି ପାଠ ପଢ଼ିସାରିବା ପରେ କୋଲକାତା ହାଇକୋର୍ଟରେ ଆଇନ ବୃତିରେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ । ତେବେ ପ୍ରଥମେ ଏକ ବ୍ୟବସାୟରେ ପସି ଥିବା ମିହିର ସେନ ପରବର୍ତୀ ସମୟରେ ପଶ୍ଚିମବଙ୍ଗର ତତ୍କାଳୀନ ପ୍ରଭାବଶାଳୀ ବାମପନ୍ଥୀ ନେତା ଜ୍ୟୋତି ବସୁଙ୍କ ତାଙ୍କ ଦଳରେ ଯୋଗଦାନ ନିମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେ ବାମପନ୍ଥୀ ଚିନ୍ତାଧାରାର ବିରୋଧୀ ଥିବାରୁ ଯୋଜନାବଦ୍ଧ ଭାବେ ଅନେକ ଅକଥନୀୟ ଘଟଣାକୁ ସାମ୍ନା କରିଥିଲେ । ସମଗ୍ର ବିଶ୍ୱରେ ସନ୍ତରଣରେ ଭାରତର ନାମକୁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରାଇଥିବା ଏହି ବିଶିଷ୍ଟ ସନ୍ତରଣକାରୀ ମାତ୍ର ୫୦ ବର୍ଷ ବୟସରେ ବିଭିନ୍ନ ସରକାରୀ ବିରୋଧୀ ମାମଲାରେ ଅଭାବନୀୟ ଭାବେ ପେଷି ହୋଇ ରୋଗାକ୍ରାନ୍ତ ହୋଇପଡ଼ିଥିଲେ । କୋଲକତାର ସ୍ଲଟ୍‌ଲେକ ଅନ୍ତର୍ଗତ ଆନନ୍ଦାଲୋକ ଚାରିଟେବୁଲ ହସ୍ପିଟାଲରେ ଚିକିତ୍ସିତ ହେଉ ଥିଲେ । ତାଙ୍କ ଶେଷ ସମୟରେ ତାଙ୍କ ପରିବାରର କେହି ବି ନିକଟରେ ନଥିଲେ । ୧୯୯୭ ଜୁନ୍ ୧୧ ତାରିଖରେ ଏହି ବିଜୟୀ ନାୟକଙ୍କ ଜୀବନ ଦୀପ ଲିଭିଯାଇଥିଲା ।



## ଜାତୀୟ ପ୍ରେସ ଦିବସର ଅନୁଚିନ୍ତା

◆ ଗଙ୍ଗାଧର ରାଉତ

ସାମ୍ବାଦିକତା ଏକ ବ୍ରତ ବା ସାଧନା । ସବୁ ଲୋକ ଏହି କାର୍ଯ୍ୟ ସଠିକ ଭାବେ କରି ପାରିବେ ନାହିଁ । ଏଥିପାଇଁ ଦରକାର ତ୍ୟାଗ,କଠିନ ପରିଶ୍ରମ, ନମ୍ରତା , ଧୈର୍ଯ୍ୟ, ନୈତିକତା ,ସହନଶୀଳତା, ସଂଯମତା, ପରୋପକାର ମନୋଭାବ,ଦେଶପ୍ରେମ, ଆନ୍ତରିକତା, ସ୍ନେହ, ଶ୍ରଦ୍ଧା, ଭଲ ପାଇବା,ଜାଣିବାର ପ୍ରବଳ ଇଛା, ସୁ ସମ୍ପର୍କ ସ୍ଥାପନ କରିବାର କଳା,ନିଷ୍ଠା, ଆଦି ଅନେକ ଗୁଣ ଥିବା ବ୍ୟକ୍ତି ର ବ୍ୟକ୍ତିତ୍ୱ ହିଁ ସାମ୍ବାଦିକତା ବୃତିର ପ୍ରକୃତ ପୂଜାରୀ ହୋଇପାରିବ । ଅନ୍ତର୍ନିହିତ ସମସ୍ୟା କୁ ଜଣେ ପ୍ରକୃତ ସାମ୍ବାଦିକ ହିଁ ବୁଝି ପାରେ ।କାମଚଲା ସାମ୍ବାଦିକ ନିକଟରେ ଜିଜ୍ଞାସା ଭାବ ନ ଥାଏ । ସମୟର ପରିବର୍ତନ ସାଙ୍ଗକୁ ଅନୁସନ୍ଧାନ ମୂଳକ ସମ୍ବାଦ ପରିବେଷଣ କରିବା ସଂଖ୍ୟା କମିକମି ଯାଉଛି । ସମାଜ ଚାହୁଁଥିବା କାମଚଲା ଖବର ବା ତତକ୍ଷଣାତ୍ ଖବର ପରିବେଷଣ କରିବାରେ ସମସ୍ତେ ଏକ ପ୍ରକାର ମଜ୍ଜି ଯାଇଛନ୍ତି ବା ନିଜକୁ ହଜାଇ ଦେଇଛନ୍ତି।ତେଣୁ ଆଉ ସେଭଳି ସମ୍ବାଦ ପ୍ରକାଶିତ ହେଉନାହିଁ ।ସମୟ ଥିଲା ଲୋକେ କାଗଜକୁ ତନ୍ନତନ୍ନ କରି ପଢୁଥିଲେ ଓ ବୁଝି ଅନ୍ୟକୁ ବୁଝାଉଥିଲେ । ଟିଭି ଦେଖିଲା ଭଳି ଏବେ ସମ୍ବାଦପତ୍ର ଉପରେ ଆଖି ବୁଲେଇ ଲୋକେ ସାରା କାଗଜ ଟି ପଢି ଦେଉଛନ୍ତି । ପ୍ରତିଯୋଗିତା ମୂଳକ ସମ୍ବାଦ ଏବେ ଚାଲିଛି । ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ତାର ଜ୍ୱଳନ୍ତ ଉଦାହରଣ ।ନିର୍ଦ୍ଦିଷ୍ଟ ସମ୍ବାଦ ଟି ଗୋଟିଏ କାଗଜ ବା ବୈଦ୍ୟୁତିକ ଗଣ ମାଧ୍ୟମରେ ପ୍ରକାଶିତ ହେବାପରେ ଅନ୍ୟ କାଗଜ ଓ ଗଣମାଧ୍ୟମ କର୍ତୃପକ୍ଷ କାହିଁକି ଆମ କାଗଜରେ ସେହି ସମ୍ବାଦ ଟି ପ୍ରକାଶିତ ହେଲା ନାହିଁ ବୋଲି ତାଗିଦ କରୁଛନ୍ତି ।ସେହି ସମ୍ବାଦ ଟି ପ୍ରକାଶ ଯୋଗ୍ୟ ନୁହେଁ ବୋଲି ଯେତେ ସଫେଇ ଦେଲେ ମଧ ତାହା କୁ କର୍ତୃପକ୍ଷ ଗ୍ରହଣ ନ କରି ଅନ୍ୟଥା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।ଫଳରେ ସାମ୍ବାଦିକ ର ଦାନାପାଣି (bread and butter) ଉପରେ ଶକ୍ତ ପ୍ରହାର ପଡୁଛି ।ସେ ଯାହାହେଉ ସାମ୍ବାଦିକ ପେଶା ପ୍ରତି ସମସ୍ୟା ବଢ଼ିଛି ।ଲୋକଙ୍କ ବ୍ୟକ୍ତିଗତ ସ୍ୱାର୍ଥ ତୁଳନାରେ ସାମୁହିକ ସମସ୍ୟା ନଗଣ୍ୟ ହୋଇଯାଉଛି ।ତୁରନ୍ତ ସାମ୍ବାଦିକଙ୍କୁ ଡାକ ପକାଇ ସମାଧାନ କରିବାକୁ ଅଯଥା ମୁଣ୍ଡ ଖେଳାଇବା ଦ୍ୱାରା ଏହା ସାମ୍ବାଦିକ ପେଶା ପ୍ରତି ବିପଦ କୁ ଆମନ୍ତ୍ରଣ କରୁଛି ।ସାମ୍ବାଦିକଙ୍କ ମୁଣ୍ଡରେ ଅଠା ବୋଲି ସମସ୍ତେ ଖସିଯାଉଛନ୍ତି ।କିଛି ବୁଝିବା ଆଗରୁ ସାମ୍ବାଦିକ ମାନେ ଏହା କରୁଛନ୍ତି ବୋଲି ଗୋଟିଏ ଭୁଲ ବାର୍ତା ସମାଜକୁ ଯାଉଛି ।ସାମ୍ବାଦିକଙ୍କୁ ଆକ୍ରମଣ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି ।ଏଦିଗରେ ସାମ୍ବାଦିକ ମାନେ ସତର୍କ ହେବା ଉଚିତ ।ନହେଲେ ନିନ୍ଦା ଓ ଅପବାଦ ର ସ୍ୱର୍ ଉଠିବ ହିଁ ଉଠିବ ଏଥିରେ ଦ୍ୱିମତ ହେବାର ନାହିଁ । ଜାତୀୟ ପ୍ରେସ ଦିବସ ଆଜି ସମଗ୍ର ଦେଶରେ ଅତ୍ୟନ୍ତ ଧୁମଧାମ ରେ ପାଳିତ ହେଉଛି ।ହେବା ସ୍ୱାଭାବିକ । ଅନ୍ୟ ସଂଗଠନର ହେଉଥିବା କାର୍ଯ୍ୟକ୍ରମ ରେ ସାମ୍ବାଦିକ ମାନେ ଯେଭଳି କାମଧନ୍ଦା ଛାଡି ଆଗଭର ହୋଇଯାଆନ୍ତି ନିଜ କାର୍ଯ୍ୟକ୍ରମ ରେ ସେଭଳି ସାମ୍ବାଦିକ ମାନେ ତତ୍ପରତା କ୍ୱଚିତ ଦେଖାଇଥାନ୍ତି । ତାମାନେ ନୁହେଁ ଯେ ଆସନ୍ତି ନାହିଁ । ନିଜ ପାଇଁ ନିଜେ ନ ବାହାରିଲେ ଆଉ କିଏ ବାହାରିବ । ସେ ଦିଗରେ ଆତ୍ମ ସମୀକ୍ଷା କରିବାର ବେଳ ଆସିଛି । ଜାତୀୟ ପ୍ରେସ ଦିବସ ରେ ବିଶେଷ କରି ସାମ୍ବାଦିକ ମାନେ ନିଜର ଦାୟିତ୍ୱ ଓ କର୍ତବ୍ୟ ବିଷୟରେ ସଚେତନ ହୋଇ ପାରିଲେ ଏହି ଦିବସ ର ମହତ୍ୱ ପ୍ରତିପାଦିତ ହୋଇପାରିବ ।

*ସାମ୍ବାଦିକ, ବାଲେଶ୍ୱର*

( ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ )

## ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ : ସମ୍ବାଦପତ୍ର

◆ ସ୍ମିତା ରାଣୀ ଦାସ






ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସମ୍ବାଦପତ୍ର । ବିଶ୍ୱ, ଦେଶ, ରାଜ୍ୟ, ସହରାଂଚଳ, ଗ୍ରାମାଂଚଳ କୋଣ ଅନୁକୋଣରୁ ସମସ୍ତ ଖବରକୁ ନେଇ ସତେଜ ତାଜା ସମ୍ବାଦ ଲୋକମାନେ ଅତି ସହଜରରେ ଉପଲବ୍ଧ କରିପାରନ୍ତି ଖବର କାଗଜ ମାଧ୍ୟମରେ । ଭାରତ ଭଳି ଏକ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ବାଦପତ୍ରର ଭୂମିକା ସବୁଠୁ ଆଗରେ । ପ୍ରଥମେ ଲିପିରୁ ହିଁ ଆରମ୍ଭ ଜନ୍ମଲାଭ କରିଥିଲା ସମ୍ବାଦପତ୍ର । ତାହାର ଗୁରୁତ୍ୱ, ତାତ୍ପର୍ଯ୍ୟ ଏବଂ ମହତ୍ୱ ଥିଲା ସର୍ବାଗ୍ରେ । ଅଶିକ୍ଷିତ ଠାରୁ ଶିକ୍ଷିତ ପର୍ଯ୍ୟନ୍ତ ସମସ୍ତେ ରହି ଥାଆନ୍ତି ଦେଶ ବିଦେଶର ଖବର ଜାଣିବା ପାଇଁ । ଛ ଦୋକାନ ଠାରୁ ଆରମ୍ଭ କରି ସେଲୁନ ପର୍ଯ୍ୟନ୍ତ ସକାଳୁ ସକାଳୁ ସବୁଠି ଭିଡ଼ ଜମିଥାଏ ଟିକେ ଖବର କାଗଜ ପଢ଼ିବା ପାଇଁ । ତା ନିଜ ସ୍ୱତନ୍ତ୍ର ଓଡ଼ିଆ ଭାଷାରେ ହେଉଥାଉ କିମ୍ବା ହିନ୍ଦୀ, ଇଂରାଜୀ କିମ୍ବା ଅନ୍ୟାନ୍ୟ ଭାଷାରେ । ସାର୍ବଭୋମ୍ୟ ରାଷ୍ଟରେ ଲୋକଙ୍କ ସମାହାର ଥିବା ବେଳେ ବିଭିନ୍ନ ଭାଷା ମାଧ୍ୟମରେ ଆଦାନ ପ୍ରଦାନ ସହ ସମ୍ବାଦପତ୍ର ଜରିଆରେ ଜନ ସଂପର୍କ ଯେଉଁଭଳି ଭାବେ ଜନାଦୃତ ହୋଇ ପାରିଛି ତାହା ସତରେ ଆନନ୍ଦଦାୟକ । ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଜୀବନର ଦର୍ପଣ ଯାହାକୁ ସେ ଜନତାଙ୍କ ସମ୍ମୁଖକୁ ଆଣିଥାଆନ୍ତି ସମ୍ବାଦପତ୍ର ଜରିଆରେ । ନିଜର ଶିକ୍ଷାଗତ ଯୋଗ୍ୟତାର ବିକଶିତ ପାଇଁ ଖବର କାଗଜ ମାଧ୍ୟମରେ ଲେଖା ଦ୍ୱାରା ସେ ଲୋକଲୋଚନକୁ ଆଣିବାରେ ସଫଳଗାମୀ ହୋଇଥାଏ ଏବଂ ତା'ର ପାରଦର୍ଶିତାର ସୁବାଷ ଝରିଆଡେ ଯେପରି ବିଛୁରିତ ହୋଇଯାଏ । ତାହାକୁ ଯିଏ ସାକାର ରୂପ ଦେଇଥାନ୍ତି ସିଏ ହେଉଛନ୍ତି ସାମ୍ବାଦିକ । ସାମ୍ବାଦିକର କାର୍ଯ୍ୟ ହେଉଛି ତଥ୍ୟ ସଂଗ୍ରହ କରି ସମ୍ବାଦପତ୍ରରେ ଉପସ୍ଥାପନା କରିବା । ସବୁକିଛି ଜନଜୀବନର ସାମାଜିକ ଜୀବନ ଧାରାର ଏକ ମହତ୍ୱକୁ ରୂପାୟିତ କରି ସିଦ୍ଧାନ୍ତର ସଫଳ ରୂପାୟନର ରୂପାୟିତ ହୋଇଥାଏ ଖରକାଗଜର ପୃଷ୍ଠାରେ । ଯୁକ୍ତିଗତ ସ୍ପଷ୍ଟ ଚିତ୍ରଣ ଏବଂ ସଠିକ୍ ଉପସ୍ଥାପନା ହିଁ ଖବରକାଗଜକୁ ଅଳଂକୃତ କରିଥାଏ । ସଂପାଦକୀୟ ଏବଂ ସଂସ୍ଥା ଯାହାକି ନିର୍ଭରଯୋଗ୍ୟ, ବିଶ୍ୱସ୍ତ, ସାଧୁତା, ସ୍ପଷ୍ଟବାଦୀ ଏବଂ ସଠିକତା ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକାର ଏକ ସୁଦୃଢ଼ ରୂପାର୍ଯନ । ଗଣତନ୍ତ୍ର ବ୍ୟବସ୍ଥାର ଦୁଇଟି ଧାରାରେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ଜରିଆରେ ସଂଯୋଗର ସୂତ୍ରଧର ହିଁ ଖବରକାଗଜ । ଖରା, ବର୍ଷା କିମ୍ବା ପ୍ରାକୃତିକ ଦୁର୍ବିପାକକୁ ନେଇ ଯେଉଁ ସମ୍ବେଦନଶୀଳ ଘଟଣା ଆଲୋଡନ ସୃଷ୍ଟି କରିଥାଏ ଲୋକେ ଯେଉଁଠି ଥାଆନ୍ତୁ ନା କାହିଁକି ଖବର ମାଧ୍ୟମରେ ସମସ୍ତ ତଥ୍ୟ ଜାଣି ପାରନ୍ତି । ଯେତେବେଳେ ବିଜ୍ଞାନ ଅଧିକ ଭାବେ କାର୍ଯ୍ୟକ୍ଷମ ହୋଇ ନଥିଲା ସେତେବେଳେ ଲୋକମାନେ ଖବରକାଗଜ ଜରିଆରେ ସମ୍ବାଦ ଜାଣି ପାରୁଥିଲେ । ଚଷୀ ଠାରୁ ଅଫିସର ଯାଏଁ । ସୁଖ, ଦୁଃଖ, ହସ, କାନ୍ଦର ବର୍ଣ୍ଣନାତିତ କାହାଣୀକୁ ନେଇ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମ ଏକ ପ୍ରଭାବଶାଳୀ ନେତୃତ୍ୱରେ ଭୂମିକା ଗ୍ରହଣ କରିପାରିଛି । ସୂଚନା ପରେ ସୂଚନା ସବୁ କିଛି ବିସ୍ତାରିତ ଭାବେ ଖବରକାଗଜ ପୃଷ୍ଠାରେ ଲିପିବଦ୍ଧ ହୋଇଥାଏ । ସେଥିପାଇଁ ସାମ୍ବାଦିକ ମାନଙ୍କର ଭୂମିକା ସତରେ ଗୁରୁତ୍ୱପୂର୍ଣ୍ଣ । ଲୋକମାନଙ୍କର ଜୀବନ ଜୀବିକା ପାଇଁ ମଧ ସାମ୍ବାଦପତ୍ର ଜରିଆରେ ବିଜ୍ଞାପନ ମାଧ୍ୟମରେ ଛପାଯାଇଥାଏ ଏବଂ ସେହି ଅନୁସାରେ ଯୁବକ ଯୁବତୀ ମାନେ ନିଜର କର୍ମସଂସ୍ଥାନ ପାଇଁ ବିଜ୍ଞାପନକୁ ଆଧାର କରି ଥାଆନ୍ତି ଏବଂ ସେମାନେ ସେହି ଅନୁସାରେ କେଉଁଠି ନା କେଉଁଠି ନିଯୁକ୍ତ ହୋଇଥାଆନ୍ତି । ଜନମଙ୍ଗଳକାରୀ ରକ୍ଷାସୂତ୍ର ହେଉଛି ପ୍ରେସ ମିଡ଼ିଆ । କିନ୍ତୁ ବର୍ତମାନ ସମ୍ବାଦପତ୍ର ଏବଂ ସାମ୍ବାଦିକତାକୁ ଲକ୍ଷ୍ୟ କଲେ ଆମେ ଜାଣି ପାରିବା ଯେପରି ସେଥିପ୍ରତି ଅଧିକ ଉତ୍ସାହିତ ହେବାର ଦେଖାଯାଉ ନାହିଁ । ସମ୍ବାଦପତ୍ର ପ୍ରତି ସଦିଛା ରହିଥିଲେ ମଧ ସାମ୍ବାଦିକ ଜୀବନ ଚଳନି ପ୍ରତି ସେତେଟା ଦୃଷ୍ଟି ଦେବା ଲକ୍ଷ୍ୟ କରାଯାଉ ନାହିଁ । ପଣ୍ଡିତ ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ଗୌରୀ ଶଙ୍କର ରାୟ ହରେକୃଷ୍ଣ ମହତାବ, ରାଧାନାଥ ରଥ ପ୍ରଭୃତି ବିଶିଷ୍ଟ ଜନନାୟକ ତଥା ସାମ୍ବାଦିକ ମାନେ ଯେଭଳି ଭାବେ ସମ୍ବାଦପତ୍ର ଓ ସାମ୍ବାଦିକ ମାନଙ୍କ ଉନ୍ନତି ପ୍ରତି ଦୃଷ୍ଟି ଦେଉଥିଲେ ବର୍ତମାନ ସେମାନଙ୍କ ଅନୁପସ୍ଥିତି ଏବେ ସାମ୍ବାଦିକ ମାନେ ଅନୁଭବ କରୁଛନ୍ତି । ଅବଶ୍ୟ ଆମ ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ବୀମା ୫ ଲକ୍ଷକୁ ବୃଦ୍ଧି କରିଥିବା ସହ ନୂତନ ସଂସ୍କରଣ ଜରିଆରେ ନୂଆ ସାମ୍ବାଦିକ ସୃଷ୍ଟି କରିବା ଏବଂ ସେମାନଙ୍କ ଜୀବନ ଜୀବିକା ପ୍ରତି କିଛି ନିଷ୍ପତି ନିଆଯିବାର ସୂଚନା ମିଳୁଥିଲେ ମଧ ତାହା କେତେଦୂର ସଠିକ୍ ତାହା ଆମେ ଜାଣି ନପାରୁ ଥିଲେ ମଧ ସରକାରଙ୍କ ଏତିକି ମିନତୀ ଏହି ପ୍ରେସ ଦିବସରେ ରାଜ୍ୟର ସାମ୍ବାଦିକ ମାନଙ୍କ ଏବଂ ସେମାନଙ୍କ ପରିବାର ପାଳନ ପ୍ରତିପୋଷଣ ପ୍ରତି ଟିକେ ଦୃଷ୍ଟିଦିଅନ୍ତୁ ଏବଂ ସେମାନଙ୍କର ମୌଳିକ ଦାବି ଗୁଡ଼ିକ ସହୃଦୟତାର ସହ ବିଚାର କରନ୍ତୁ ଏବଂ ସେମାନଙ୍କ ମୁହଁରେ ଟିକେ ହସ ଦିଅନ୍ତୁ । ତେବେ ଯାଇ ସମ୍ବାଦପତ୍ର ଏବଂ ସାମ୍ବାଦିକ ଗୋଟିଏ ସୂତ୍ରରେ ଗୁନ୍ଥା ହୋଇ ବିଶ୍ୱ, ଦେଶ, ରାଜ୍ୟକଭୁ ଉନ୍ନତି ପଥରେ ଆଗେଇ ନେବେ ଏଥିରେ ଦ୍ୱିମତ ହେବାର ନାହିଁ ।











# 'ଛାଡ଼ଖାଇ'ର ତାତ୍ପର୍ଯ୍ୟ



ଓଡ଼ିଆ ସଂସ୍କୃତିରେ ମାଘ, ବୈଶାଖ ଓ କାର୍ତ୍ତିକ ହେଉଛନ୍ତି ଧର୍ମ ମାସ । ଏହି ମାସ ଗୁଡ଼ିକରେ ସାରା ମାସ ବ୍ରତ ପାଳନ କରାଯାଏ । ମାଘ ଓ ବୈଶାଖ ହବିଷ ମାସ ହୋଇଥିଲେ ହେଁ ସମସ୍ତେ ପାଳନ କରନ୍ତି ନାହିଁ । କାର୍ତ୍ତିକ ମାସକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ବିଧବାଙ୍କ ପାଇଁ କାର୍ତ୍ତିକ ବ୍ରତ ପାଳନ ବାଧ୍ୟତାମୂଳକ । କାର୍ତ୍ତିକରେ ବିଧବାମାନେ ଦିନରେ ଥରେ ମାତ୍ର ଘୃତ ମିଶ୍ରିତ ଅରୁଆ ଅନ୍ନ ସହ ମୁଗ, କଦଳୀ, ଓଉ ଓ ସାରୁ ମିଶା ଡାଲି ଭୋଜନ କରନ୍ତି । ଏହି ସାମଗ୍ରୀଗୁଡ଼ିକ ଛଡ଼ା ଅନ୍ୟ ସମସ୍ତ ଖାଦ୍ୟ ବର୍ଜନୀୟ । ସେମାନେ ପରିତ୍ୟାଗ କରିଥିବା ଖାଦ୍ୟଗୁଡ଼ିକୁ ବ୍ରତ ଶେଷ ହେବାପରେ ଖାଇବାକୁ ଛାଡ଼ଖାଇ କୁହାଯାଏ । ଛାଡ଼ଖାଇରେ ବିଧବାମାନେ ସାଧାରଣତଃ କାଞ୍ଜି ଖାଆନ୍ତି । ମାସ ଆରମ୍ଭରେ ତ୍ୟାଗ କରିଥିବା ଅନ୍ୟ ପରିବାପତ୍ର, ଫଳମୂଳ, ଉଷୁନା, ଭାତ, ଚୁଡ଼ା ଶାଗ ଓ ଖଟା ମଧ୍ୟ ଖାଆନ୍ତି । ଏସବୁ ଛାଡ଼ଖାଇର ଖାଦ୍ୟ । ଛାଡ଼ଖାଇ ସହ ଆମିଷ ଭୋଜନରେ କୌଣସି ପାରମ୍ପରିକ ସଂପର୍କ ନାହିଁ । ତେଣୁ ଏହି ଦିନରେ ଆମିଷ ଖାଇବା ନିହାତି ଆବଶ୍ୟକ ବୋଲି ମନେ କରିବା ଧାରଣା ଭ୍ରମାତ୍ମକ । ଛାଡ଼ଖାଇର ମର୍ମ ସଂପର୍କରେ ଜ୍ଞାନ ଅଭାବରୁ ଆଜିକାଲି ଆମେ ଏହାକୁ ମାଂସ ଭକ୍ଷଣ ଉତ୍ସବରେ ପରିଣତ କରିଛେ ।

# 'ଛାଡ଼ଖାଇ'ରେ ପଶୁହତ୍ୟା

◆ ଶରତ କୁମାର ସାହୁ

କାର୍ତ୍ତିକ ମାସ ଶେଷରେ ଆଜି ସାରା ରାଜ୍ୟରେ ଛାଡ଼ଖାଇ ପାଳନ କରାଯାଉଛି । ଛାଡ଼ଖାଇ ହେଉଛି ମାସ ସାରା ଆମିଷ ନଖାଇବାର ଅରୁଚିକୁ ଛଡ଼ାଇବା । ଏଥିପାଇଁ କେତେ ନିରୀହ ପଶୁପକ୍ଷୀଙ୍କୁ ହତ୍ୟା କରାଯାଇଛି । ଲକ୍ଷାଧିକ ଛେଳି, କୁକୁଡ଼ା ବଳି ପଡ଼ିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ମାସ ସାରା ଧର୍ମ ଆଚରଣ କରିବା ପରେ ପଶୁପକ୍ଷୀଙ୍କୁ ହତ୍ୟା କରି ଆମେ କେଉଁ ପ୍ରକାରର ଧର୍ମ ପାଳନ କରୁଛେ । ଆମକୁ ସୁହାଇଲା ପରି କାମକୁ ଆମେ ପରମ୍ପରାର ନାମ ଦେଇଛେ । ନିଜ ମନକୁ ଶାନ୍ତି କରିବା ପାଇଁ ବଳିପ୍ରଥାକୁ ମଧ୍ୟ ପ୍ରୋତ୍ସାହନ ଦେଉଛେ । ଈଶ୍ୱରଙ୍କ ନାମ ନେଇ ଦେବୀ ପୀଠରେ ପଶୁବଳି ଦେବାକୁ ପଛଘୁ□। ଦେଉନାହୁଁ । ପ୍ରଶାସନ ବଳିପ୍ରଥା ବନ୍ଦ କରିବା ପାଇଁ ଯେତେ ଉଦ୍ୟମ କଲେ ମଧ୍ୟ ତାହା ସଫଳ ହେଉନାହିଁ । ଆଜିର ଏକବିଂଶ ଶତାବ୍ଦୀରେ ବଳିପ୍ରଥା କେତେ ସମୀଚିନ ତାହା ଆଧୁନିକ ମଣିଷ ବିଚାର କରିବାର କଥା । ପଶୁହତ୍ୟାକୁ ବନ୍ଦ କରିବା ପାଇଁ କେତେ ବେସରକାରୀ ସଂଗଠନ କାମ କରୁଛନ୍ତି । ଜାତୀୟ ସ୍ତରରେ ମେନକା ଗାନ୍ଧୀ ଏଥିପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଆନ୍ତର୍ଜାତିକ ସ୍ତରରେ ପେଟା ଭଳି ସଂସ୍ଥା ପଶୁ କ୍ରୁରତା ବିରୋଧରେ



କାର୍ଯ୍ୟ କରୁଛନ୍ତି । ତଥାପି ଆମେ ପଶୁପକ୍ଷୀଙ୍କ ପ୍ରତି ଆମ ମନୋଭାବରେ ପରିବର୍ତ୍ତନ ଆଣିପାରୁନାହୁଁ । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଆମିଷାଶୀଙ୍କ ଠାରୁ ନିରାମିଶାଷୀ ଦୀର୍ଘ ନିରାମୟ ଜୀବନଯାପନ କରିଥାନ୍ତି । ଆମିଷ ଭକ୍ଷଣ କରୁଥିବା ଲୋକେ ହଠାତ୍ ଉତେଜନାର ବଶବର୍ତୀ ହୋଇଉଠନ୍ତି । ସେମାନଙ୍କର ରକ୍ତଚାପ ବୃଦ୍ଧି ଘଟେ । କୌଣସି ଅପରାଧରେ ମଦ ଓ ମାଂସ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତଥାପି ଆମିଷ ଅଧିକାଂଶ ଲୋକଙ୍କର ପ୍ରିୟ ଖାଦ୍ୟ । ବିଭିନ୍ନ ବାର ଓ ପର୍ବର ନାମ ନେଇ ଆମେ ପଶୁ ମାଂସ ଭକ୍ଷଣକୁ ଆମର ନିତ୍ୟନୈମିତିକ ଜୀବନରେ ଭର୍ତି କରି ଦେଇଛୁ । ତେବେ ୨୦୨୨ରେ ଜାତିସଂଘ ରିପୋର୍ଟ ଅନୁଯାୟୀ ଭାରତରେ ନିରାମିଷାଶୀଙ୍କ ସଂଖ୍ୟା ଅଧିକ । ସିଏନ୍‌ଏନ୍-ଆଇବିଏନ୍ ଓ ହିନ୍ଦୁର ସର୍ବେକ୍ଷଣ ଅନୁଯାୟୀ, ଭାରତରେ ୩୧ ପ୍ରତିଶତ ହେଉଛନ୍ତି ନିରାମିଷାଶୀ । ଜୈନ ସଂପ୍ରଦାୟ ସଂପୂର୍ଣ୍ଣ ନିରାମିଷାଶୀ ହୋଇଥିଲା ବେଳେ ହିନ୍ଦୁ ଧର୍ମର ବ୍ରାହ୍ମଣ ସଂପ୍ରଦାୟର ୫୫ ପ୍ରତିଶତ ଆମିଷ ଖାଆନ୍ତି ନାହିଁ । ମୁସଲମାନଙ୍କ ମଧ୍ୟରେ ମାତ୍ର ୩ ପ୍ରତିଶତ ଆମିଷକୁ ପସନ୍ଦ କରନ୍ତି ନାହିଁ । ତେବେ ବିଶ୍ୱର ଅନ୍ୟ ଦେଶମାନଙ୍କ ଭଳି ଭାରତରେ ମାଂସ ଭକ୍ଷଣ କମ୍ । ମାତ୍ର ଏହି ଧାରା ଧୀରେ ଧୀରେ କମିବାକୁ ଲାଗିଛି । ୨୦୨୨ ଜୁନରେ ବିଶ୍ୱର ପ୍ରମୁଖ ପତ୍ରିକା ଭେଜିଟେରିଆନ୍ସ ନ୍ୟୁଜିଲାଣ୍ଡ ତରଫରୁ କରାଯାଇଥିବା ସର୍ଭେ ଅନୁଯାୟୀ ଭାରତ ସମୁଦାୟ ଲୋକଙ୍କ ମଧ୍ୟରୁ ଆମିଷ ଖାଉଥିବା ଲୋକଙ୍କ ସଂଖ୍ୟା ୫୦ କୋଟି । ଯାହାକି ୨୦୨୦ ଜାତିସଂଘ ସର୍ଭେ ଅନୁଯାୟୀ ଆମିଷାଶୀଙ୍କ ସଂଖ୍ୟାରେ ୩ ପ୍ରତିଶତ ବୃଦ୍ଧି ଘଟିଛି । ଭାରତ ମୁଖ୍ୟତଃ ନିରାମିଷାଶୀଙ୍କ ଏକ ଦେଶ ହୋଇଥିଲେ ମଧ୍ୟ ଏହି ଧାରାରେ ପରିବର୍ତ୍ତନ ଘଟୁଛି । ନିରାମିଷାଶୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଫଳରେ ପଶୁହତ୍ୟା ବଢ଼ିବାରେ ଲାଗିଛି । ଯାହାକି ଉଦ୍‌ବେଗର ବିଷୟ । ବାସ୍ତବ କଥା ହେଉଛି ଛାଡ଼ଖାଇର ଅନ୍ତର୍ନିହିତ ଆଧାତ୍ମିକ ତାତ୍ପର୍ଯ୍ୟ କଥାକୁ ଭୁଲି ଯାଇ ଜିଭ ଲାଳସାର ଆଗ୍ରହକୁ ପ୍ରାଧାନ୍ୟ ଦେଉଛୁ ।

*'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର : ୯୪୩୭୦୫୧୫୪୩*

# କଳିଯୁଗ ଛାଡଖାଇ

ଇଂ. ବିଦ୍ୟାଧର ପଣ୍ଡା

ଛାଡଖାଇ ପର୍ବ ଆଉ ଅଳ୍ପଦିନ
ଖାଇବା ମଟନ ଚିକନ
ଛେଳିମେଣ୍ଢା ନିତି ପ୍ରମାଦଗଣନ୍ତି
ହଣାରୁ ଆସିବ ସମନ ।୧।

ଜୀବମାରି ଜୀବ ରାନ୍ଧିକିଖାଇବ
ଖାଦକ ଭୋଗିବ ନରକ
ଧରମ କରମ ପୋଛିନେବ ଯମ
ଜିହ୍ୱାର ସୁଆଦ କ୍ଷଣିକ ।୨।

କଂସେଇ ଦୁଆର ହେବ ଭରପୂର
ମାଉଁସ ପାଇଁକି ବିକଳ
ପ୍ରଦୁଷଣ କଥା ଭାବି ଘୁରେ ମଥା
ଅମ୍ଳଜାନ ପାଇଁ ଆକୁଳ ।୩।

କାର୍ତିକ ମାସରେ ସବୁକିଛି ଚଳେ
ତଥାପି ସେଦିନ ବାଇଆ
ବଡ ଭାଇଜର୍ ଲାଇନିରେ ଭିଡ
ମଦୁଆ ମୁଣ୍ଡରେ ଟାହିଆ ।୪।

ପୁଅ ଝିଅ ମିଶି ଚିୟରସ୍ କରନ୍ତି
ଲାଜ ସରମକୁ ତେଜିକି
ବାଆଜିମାତାଜୀ ଗେରୁଆରେ ସାଜି
ପିଉଛନ୍ତି ନାମ ଭଜିକି ।୫।

କଳିକାଳ ରିତି ଅଦ୍ଭୁତ ଭକତି
ଅଘୋରିଙ୍କ ବୋଲବାଲା
କାହାକୁ କହିବ କିଏବା ଶୁଣିବ
ନାଟୁଆଙ୍କ ଠିଆ ପାଲା ।୬।

ବାଳକବାଳିକା ନିଶା କିଣାବିକା
ସବୁଥିରେ ପାରଙ୍ଗମ
ଅଗ୍ରେଂଜକି ଦେଶୀ କଲେଜରେ ବେଶି
ପିଇବାକୁ ହମ ହମ ।୭।

ମୁଖେ ରାଧା ରାଧା ଗିଲାସରେ ଅଧା
ସୋମରସ ସହ ନୀର
ଗଳାଦ୍ୱାରେ ଠେଲି ଆଖି କରି ନାଲି
ମନେମନେ ଯୁବା ହିରୋ ।୮।

କହୁଛି ଭାରତ ବିଶ୍ୱ ଗୁରୁ ସତ
ହେଲେ ସେସଂସ୍କାର କାହିଁ!
ସମ୍ପର୍କରେ ଫାଟ ସବୁଠି ବିଭ୍ରାଟ
ଏ କଳିଯୁଗ ଛାଡଖାଇ ।୯।

*ଏମ୍ ଟେକ୍, ଏଲ୍‌ଏଲ୍. ବି ପଂଚଶଖା ନଗର, ଡୁମୁଡୁମା, ଭୁବନେଶ୍ୱର-୧୯ ମୋ-୯୪୩୯୧୨୮୦୫୦*

# 'ଛାଡ଼ଖାଇ'ରେ ପଶୁହତ୍ୟା ଓ ନିରାମିଷ ଖାଦ୍ୟ

◆ ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ପୁଣ୍ୟମାସ କାର୍ତ୍ତିକରେ ଏବେ ପାଂଚଦିନ ବ୍ୟାପୀ ପୁଣ୍ୟ ପବିତ୍ର ପଂଚୁକ ଚାଲିଛି । ପଂଚୁକ ପରବର୍ତ୍ତୀ ଦିନରେ କାର୍ତ୍ତିକ ମାସ ଶେଷରେ ଛାଡ଼ଖାଇ ପାଳନ କରା ଯାଇଥାଏ । ଛାଡ଼ଖାଇ କେବେ ଠାରୁ ପ୍ରଚଳନ ହେଲା ଓ ଏହାର ତାତ୍ପର୍ଯ୍ୟ କଣ ସେପରି କିଛି କେଉଁଠାରେ ଲେଖାଯାଇ ନାହିଁ । ଛାଡ଼ଖାଇ ହେଉଛି ମାସ ସାରା ଆମିଷ ନଖାଇବାର ଅରୁଚିକୁ ଛଡ଼ାଇବା । ଏଥିପାଇଁ କେତେ ନିରୀହ ପଶୁପକ୍ଷୀଙ୍କୁ ହତ୍ୟା କରାଯାଇଛି । ଲକ୍ଷାଧିକ ଛେଳି, କୁକୁଡ଼ା ବଳି ପଡ଼ିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ମାସ ସାରା ଧର୍ମ ଆଚରଣ କରିବା ପରେ ପଶୁପକ୍ଷୀଙ୍କୁ ହତ୍ୟା କରି ଆମେ କେଉଁ ପ୍ରକାରର ଧର୍ମ ପାଳନ କରୁଛେ । ଆମକୁ ସୁହାଇଲା ପରି କାମକୁ ଆମେ ପରମ୍ପରାର ନାମ ଦେଇଛେ । ଧର୍ମମାସ କାର୍ତ୍ତିକ ନାମରେ ଆମ୍ଭେମାନେ ଗୋଟିଏ ମାସ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କର୍ମ ସାରି ଈଶ୍ୱରଙ୍କ ପବିତ୍ର ନାମ ଜପ କରି ହବିଷ ଖାଉଥିବାବେଳେ ଏହାର ଶେଷ ଦିନ ଆମିଷ ଭକ୍ଷଣ କରି ଆମେ କେଉଁ ଧର୍ମ ଓ ଆଚରଣ ପାଳନ କରୁଛେ ତାହା ଏକ ବଡ଼ ପ୍ରଶ୍ନ । ଯଦିଓ ଖାଇବା ମଣିଷର ଏକ ବ୍ୟକ୍ତିଗତ ଇଛା କୁହାଯାଇପାରେ । ନିଜ ମନକୁ ଶାନ୍ତି କରିବା ପାଇଁ ବଳିପ୍ରଥାକୁ ମଧ୍ୟ ପ୍ରୋତ୍ସାହନ ଦେଉଛେ । ଈଶ୍ୱରଙ୍କ ନାମ ନେଇ ଦେବୀ ପୀଠରେ ପଶୁବଳି ଦେବାକୁ ପଛଘୁଂଚା ଦେଉନାହୁଁ । ପ୍ରଶାସନ ବଳିପ୍ରଥା ବନ୍ଦ କରିବା ପାଇଁ ଯେତେ ଉଦ୍ୟମ କଲେ ମଧ୍ୟ ତାହା ସଫଳ ହେଉନାହିଁ । ଅନେକ ସମୟରେ ନ୍ୟାୟାଳୟ ଏ ନେଇ କଠୋର ନିର୍ଦ୍ଦେଶାବଳୀ ଜାରି କରୁଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ଆମପରି ଅତି ସଚେତନ ଲୋକମାନଙ୍କ ଉପର ପଡୁନାହିଁ । ଆଜିର ଏକବିଂଶ ଶତାବ୍ଦୀରେ ବଳିପ୍ରଥା କେତେ ସମୀଚିନ ତାହା ଆଧୁନିକ ମଣିଷ ବିଚାର କରିବାର କଥା । ଓଡ଼ିଆ ସଂସ୍କୃତିରେ ମାଘ, ବୈଶାଖ ଓ କାର୍ତ୍ତିକ ହେଉଛନ୍ତି ଧର୍ମ ମାସ । ଏହି ମାସ ଗୁଡ଼ିକରେ ସାରା ମାସ ବ୍ରତ ପାଳନ କରାଯାଏ । ମାଘ ଓ ବୈଶାଖ ହବିଷ ମାସ ହୋଇଥିଲେ ହେଁ ସମସ୍ତେ ପାଳନ କରନ୍ତି ନାହିଁ । କାର୍ତ୍ତିକ ମାସକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ବିଧବାଙ୍କ ପାଇଁ କାର୍ତ୍ତିକ ବ୍ରତ ପାଳନ ବାଧ୍ୟତାମୂଳକ । କାର୍ତ୍ତିକରେ ବିଧବାମାନେ ଦିନରେ ଥରେ ମାତ୍ର ଘୃତ ମିଶ୍ରିତ ଅରୁଆ ଅନ୍ନ ସହ ମୁଗ, କଦଳୀ, ଓଉ ଓ ସାରୁ ମିଶା ଡାଲି ଭୋଜନ କରନ୍ତି । ଏହି ସାମଗ୍ରୀଗୁଡ଼ିକ ଛଡ଼ା ଅନ୍ୟ ସମସ୍ତ ଖାଦ୍ୟ ବର୍ଜନୀୟ । ସେମାନେ ପରିତ୍ୟାଗ କରିଥିବା ଖାଦ୍ୟଗୁଡ଼ିକୁ ବ୍ରତ ଶେଷ ହେବାପରେ ଖାଇବାକୁ ଛାଡ଼ଖାଇ କୁହାଯାଏ । ଛାଡ଼ଖାଇରେ ବିଧବାମାନେ ସାଧାରଣତଃ କାଞ୍ଜି ଖାଆନ୍ତି । ମାସ ଆରମ୍ଭରେ ତ୍ୟାଗ କରିଥିବା ଅନ୍ୟ ପରିବାପତ୍ର, ଫଳମୂଳ, ଉଷୁନା, ଭାତ, ଚୁଡ଼ା ଶାଗ ଓ ଖଟା ମଧ୍ୟ ଖାଆନ୍ତି । ଏସବୁ ଛାଡ଼ଖାଇର ଖାଦ୍ୟ । ଛାଡ଼ଖାଇ ସହ ଆମିଷ ଭୋଜନରେ କୌଣସି ପାରମ୍ପରିକ ସଂପର୍କ ନାହିଁ । ତେଣୁ ଏହି ଦିନରେ ଆମିଷ ଖାଇବା ନିହାତି ଆବଶ୍ୟକ ବୋଲି ମନେ କରିବା ଧାରଣା ଭ୍ରମାତ୍ମକ । ଛାଡ଼ଖାଇର ମର୍ମ ସଂପର୍କରେ ଜ୍ଞାନ ଅଭାବରୁ ଆଜିକାଲି ଆମେ ଏହାକୁ ମାଂସ ଭକ୍ଷଣ ଉତ୍ସବରେ ପରିଣତ କରିଛେ । ପଶୁହତ୍ୟାକୁ ବନ୍ଦ କରିବା ପାଇଁ କେତେ ବେସରକାରୀ ସଂଗଠନ କାମ କରୁଛନ୍ତି । ଜାତୀୟ ସ୍ତରରେ ମେନକା ଗାନ୍ଧୀ ଏଥିପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଆନ୍ତର୍ଜାତିକ ସ୍ତରରେ ପେଟା ଭଳି ସଂସ୍ଥା ପଶୁ କ୍ରୁରତା ବିରୋଧରେ କାର୍ଯ୍ୟ କରୁଛନ୍ତି । ତଥାପି ଆମେ ପଶୁପକ୍ଷୀଙ୍କ ପ୍ରତି ଆମ ମନୋଭାବରେ ପରିବର୍ତ୍ତନ ଆଣିପାରୁନାହୁଁ । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଆମିଷାଶୀଙ୍କ ଠାରୁ ନିରାମିଶାଷୀ ଦୀର୍ଘ ନିରାମୟ ଜୀବନଯାପନ କରିଥାନ୍ତି । ଆମିଷ ଭକ୍ଷଣ କରୁଥିବା ଲୋକେ ହଠାତ୍ ଉତେଜନାର



ବଶବର୍ତୀ ହୋଇଉଠନ୍ତି । ସେମାନଙ୍କର ରକ୍ତଚାପ ବୃଦ୍ଧି ଘଟେ । କୌଣସି ଅପରାଧରେ ମଦ ଓ ମାଂସ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତଥାପି ଆମିଷ ଅଧିକାଂଶ ଲୋକଙ୍କର ପ୍ରିୟ ଖାଦ୍ୟ । ବିଭିନ୍ନ ବାର ଓ ପର୍ବର ନାମ ନେଇ ଆମେ ପଶୁ ମାଂସ ଭକ୍ଷଣକୁ ଆମର ନିତ୍ୟନୈମିତିକ ଜୀବନରେ ଭର୍ତି କରିଦେଇଛୁ । ମଣିଷର ଯେଉଁ ସ୍ୱାଭାବିକ ଆମିଷ ଆହାର ପ୍ରତି ରୁଚି ଅଛି ତାହାକୁ ବିକୃତ ରୁଚି ମଧ୍ୟ କୁହାଯାଏ । ଆନିମଲ ସେଲ ବା ଜୀବନ୍ତ କୋଷ ଆଉ ଏକ ଜୀବନ୍ତ କୋଷକୁ ହଜମ କରିବାକୁ ଚାହେଁନାହିଁ, ବରଂ ତାକୁ ପ୍ରତ୍ୟାଖ୍ୟାନ କରେ । ବାହାର ଜୀବନ୍ତ କୋଷ ମଣିଷ ଶରୀରରେ ପ୍ରବେଶ କଲେ ତାହା ଆମର ଜୀବନ୍ତ କୋଷକୁ ନଷ୍ଟ କରିଦିଏ । କାରଣ ଏହି ବାହାରର କୋଷ ଗୁଡ଼ିକ ଆମ ଶରୀରର କୋଷ ପରି ସମଭାବେ ସଂଜ୍ଞିବୀତ । ମଣିଷ ଦେହର କୋଷପରି ସେମାନେ ମଧ୍ୟ ବଂଚ୍‌ବା ପାଇଁ ସଂଗ୍ରାମରତ । ଉଭୟଙ୍କର ଏହି ସଂଗ୍ରାମ ଫଳରେ ଆମିଷ ଆହାରରେ ଶରୀରରେ ଟକ୍ସିନ୍ ବା ବିଷକ୍ରିୟା ସୃଷ୍ଟି ହୁଏ । ମାଛ, ମାଂସର ଜୈବକୋଷ ଉପାଦାନ ଆମ ଶରୀରରେ ପ୍ରବେଶ କରି ଶରୀରସ୍ଥ ଜୀବକୋଷରେ ଏକ ଅସ୍ୱାଭାବିକ ଉତେଜନା ଓ ସଂଘାତ ସୃଷ୍ଟିକରି କୋଷ ବିଭାଜନକୁ ଅତ୍ୟନ୍ତ ଦ୍ରୁତ କରିଦେଲେ । ଏହାଦ୍ୱାରା ସାମୟିକ ଶାରୀରିକ ପୁଷ୍ଟିବର୍ଦ୍ଧନ ହେଲେ ମଧ୍ୟ ଆୟୁଷକୁ ସେହି ପରିମାଣରେ ଖର୍ବ କରିଦିଏ ଏବଂ ଏହି ବିଷକ୍ରିୟା ଫଳରେ ସ୍ନାୟୁ ଓ ମସ୍ତିଷ୍କର କୋଷଗୁଡ଼ିକ ଚଂଚଳ, ଦୁର୍ବଳ, ସ୍ଥୈର୍ଯ୍ୟ-ସାମ୍ୟ-କ୍ରମାଗତିହରା ହୋଇଉଠନ୍ତି ଓ ଦୃଷ୍ଟିଶକ୍ତି କମିଯାଏ । ରୋଗ ପ୍ରତିରୋଧକ ଶକ୍ତି କମିଯାଏ କାରଣ କୋଷଗୁଡ଼ିକୁ ସର୍ବଦା ବଂଚ୍‌ବା ପାଇଁ ସଂଗ୍ରାମ କରିବାକୁ ହୁଏ । ବେଳେ ବେଳେ ଏହି ଅସ୍ୱାଭାବିକ ବିଭାଜନ ମଧ୍ୟ ଟ୍ୟୁମର ସୃଷ୍ଟିକରେ । ଆମିଷରୁ ବାହାରୁଥିବା ଟକ୍ସିନ୍ ସ୍ନାୟୁକୁ ଉତେଜିତ କରେ, ସହନ-ବହନ କ୍ଷମତା କମିଯାଏ, ସ୍ନାୟୁ ଅପଟୁ ଓ ସାମ୍ୟ ସଙ୍ଗତିହରା ହେଲେ ଅହମିକା, କ୍ରୋଧ, ହିଂସା ଓ ଅସହିଷ୍ଣୁତା ବଢ଼ିଉଠେ । ଦୁଗ୍ଧ ଆମିଷ ଖାଦ୍ୟ ହେଲେ ମଧ୍ୟ କ୍ଷତିକାରକ ନୁହେଁ । କାରଣ ଦୁଗ୍ଧ ପେଟରେ ଯାଇ ଲାକ୍‌ଟିକ୍ ଏସିଡ୍ ବ୍ୟାସିଲସ୍ ହୁଏ ଓ ବ୍ୟାସିଲସ୍‌ମାନେ ନିରାମିଷ କୋଷ । ବ୍ୟାକ୍ଟେରିଆମାନେ କିନ୍ତୁ ଆନିମଲ୍ ସେଲ୍ । ଭେଜିଟେବଲ ସେଲ ଆନିମଲ୍ ସେଲ ତୁଳନାରେ କମ୍ ଜୀବନୀ ଶକ୍ତି ସମ୍ପନ୍ନ । ତେଣୁ ସେମାନେ ଶରୀରରେ ଯାଇ ସଞ୍ଜିବୀତ ହେବାକୁ ଚାହାଁନ୍ତି । ସେମାନଙ୍କ ସହିତ ଦେହ କୋଷର ମଧ୍ୟ ବିରୋଧ କମ୍ ହୁଏ । ତେଣୁ ଶରୀରର ଜୀବନ୍ତ କୋଷ ଗୁଡ଼ିକ ବେଶୀ ପୋଷଣ ପାଆନ୍ତି । ନରହତ୍ୟା ଶବ୍ଦରେ ଆମ୍ଭେମାନେ ଆତଙ୍କିତ ହୋଇଉଠୁ କିନ୍ତୁ ଜୀବ ହତ୍ୟା ସମୟରେ ଆମକୁ କଷ୍ଟ ହୁଏ ନାହିଁ । ଏହିପରି ସହାନୁଭୂତିହୀନ ହୋଇ ପ୍ରବୃତି ସ୍ୱାର୍ଥରେ ମଣିଷକୁ ହତ୍ୟା କରିବା ପାଇଁ ମଧ୍ୟ ମଣିଷକୁ କଷ୍ଟ ହୁଏନାହିଁ । ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଓ ଆଶ୍ରିତ ମାନଙ୍କୁ ସାତ୍ୱିକ ନିରାମିଷ ଖାଦ୍ୟ ପାଇଁ ମାର୍ଗ ଦର୍ଶନ କରିଛନ୍ତି କାରଣ ଆମିଷ ପରି ତାମସିକ ଓ ଲାଳସାଯୁକ୍ତ ଖାଦ୍ୟ ବ୍ୟକ୍ତିଗତ ସାଧନା ଓ ଆଧାତ୍ମିକ ଅଗ୍ରଗତି ପାଇଁ ବାଧକ ସାଜିଥାଏ । ଆଜିକାଲି ଆମିଷ ଭକ୍ଷଣ ଦ୍ୱାରା ଦିନକୁ ଦିନ ଅନେକ ପ୍ରକାର ରୋଗ ଓ ଶରୀରରେ ଉତେଜନା ସୃଷ୍ଟିକାରୀ ଏପରି ଶକ୍ତି ସୃଷ୍ଟି ହେଉଛି ଯେ ଜଣେ ଶାନ୍ତ ସରଳ ସ୍ୱଭାବର ଲୋକର ଆଚରଣରେ ପରିବର୍ତ୍ତନ ଦେଖାଯାଉଛି । ତେଣୁ କେବଳ ଆଧାତ୍ମିକ ଜୀବନ ସାଧନ ନୁହେଁ ଏକ ସାଧାରଣ ମଣିଷ ଭାବରେ ନିରାମିଷ ଖାଦ୍ୟ ଗ୍ରହଣୀୟ ।

*ପୂର୍ବତନ ଟ୍ରଷ୍ଟ ଆବାହକ, ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, : ୯୪୩୭୦୨୨୦୬୧*

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି ଦାବି

ବାରିପଦା (ସ୍ୱପ୍ର) ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ବର୍ଷ ବର୍ଷ ଧରି ଖାଲି ପଡ଼ିଥିବାରୁ ବାଲେଶ୍ୱର ସ୍ଥିତ ଫକିର ମୋହନ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଙ୍କୁ ବାରିପଦା ସ୍ଥିତ ବିଶ୍ୱ ବିଦ୍ୟାଳୟ ର କୁଳପତି ଭାବେ ଅବସ୍ଥାପିତ କରାଯାଇଛି. ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଆବେଦନ ଆହ୍ୱାନ କରାଯାଇଥିଲା. ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଉପଯୁକ୍ତ ବ୍ୟକ୍ତି ବିଶେଷ ଆବେଦନ ମଧ୍ୟ କରିଥିଲେ. କିନ୍ତୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ନୂଆ ଓ ପୁରୁଣା ନିୟମର ଦ୍ୱାହି ଦେଇ ଆଜି ପର୍ଯ୍ୟନ୍ତ ଉଚ୍ଚଶିକ୍ଷା ବିଭାଗ ବାରିପଦା ସ୍ଥିତ ବିଶ୍ୱ ବିଦ୍ୟାଳୟରେ କୁଳପତି ନିଯୁକ୍ତି କରିନଥିବାରୁ ମୟୂରଭଞ୍ଜ ବାସୀ ନିଜକୁ ଅବହେଳିତ ମନେ କରୁଛନ୍ତି. ଏହି ମାସରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ସହିତ ରାଜ୍ୟର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ଖାଲି ପଡ଼ିବାକୁ ଯାଉଥିବାରୁ ମାନ୍ୟବର କୁଳାଧିପତି ଓଡ଼ିଶା ବିଶ୍ୱ ବିଦ୍ୟାଳୟ ନିୟମ ୨୦୨୦ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରଧୀନ ଥିବାରୁ ଓଡ଼ିଶା ବିଶ୍ୱବିଦ୍ୟାଳୟ ନିୟମ ୧୯୮୯ ଅନୁସାରେ ନୂତନ କୁଳପତି ନିଯୁକ୍ତି ପ୍ରକ୍ରିୟା କରିବାକୁ ପତ୍ର ନମ୍ବର ୧୦୦୦୫ ତା ୮/୧୧/୨୪ ରେ ନିର୍ଦ୍ଦେଶ ଦେଇଛନ୍ତି. ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଅନୁସାରେ କୌଣସି ବିଶ୍ୱବିଦ୍ୟାଳୟ ରେ କୁଳପତି ନିଯୁକ୍ତି ପାଇନଥିଲେ, ସଂପୃକ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମେନ ବା ଜିଲ୍ଲାପାଳ ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କୌଣସି ଉଚ୍ଚପଦସ୍ଥ ଅଧିକାରୀ ଦାୟିତ୍ୱରେ ରହିବା କଥା. ମୟୂରଭଞ୍ଜ ଆଦିବାସୀ ବହୁଳ ଜିଲ୍ଲାପାଇଁ ସବୁଠାରୁ ଗୁରୁତ୍ତ୍ୱର୍ଣ୍ଣ ବିଷୟ ହେଲା ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ୨ ବର୍ଷ ରୁ ଅଧିକ କାଳ ଖାଲି ପଡ଼ିଛି. ରାଜ୍ୟ ସରକାର ବା କୁଳାଧିପତି ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଆଜି ପର୍ଯ୍ୟନ୍ତ ପୂରଣ କଲେ ନାହିଁ. କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ରମା ଦେବୀ ବିଶ୍ୱବିଦ୍ୟାଳୟ ରେ କୁଳପତି ପଦବୀ ଖାଲି ନହେଉଣୁ କୁଳାଧିପତି କୁଳପତି ନିଯୁକ୍ତି ନିମନ୍ତେ ନିର୍ଦ୍ଦେଶନାମା ଏହି ମାସ ର ୮ ତାରିଖରେ ଜାରି କରିଛନ୍ତି. ତେଣୁ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ରେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ ଅନୁସାରେ କୁଳପତି ନିଯୁକ୍ତି ପ୍ରକ୍ରିୟା ଶୀଘ୍ର ପୂରଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି.

# କେମ୍ବ୍ରିଜ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନୀ

କଟକ :କଟକ କେମ୍ବ୍ରିଜ ସ୍କୁଲରେ ଏକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରଦର୍ଶନୀକୁ ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ବିକାଶ ଚନ୍ଦ୍ର ରାଉତ ଉଦ୍ଘାଟନ କରିଥିବାବେଳେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରଦର ଥୋମାସ ଜନ୍ ଏବଂ ଉପାଧ୍ୟକ୍ଷ ବ୍ରଦର ସେବାଷ୍ଟିଅନ୍ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ପ୍ରଦର୍ଶନୀରେ ପ୍ରି ନର୍ସରୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ, ଗଣିତ, ଭୂଗୋଳ, ଇତିହାସ, ନଗର ବିଜ୍ଞାନ, କମ୍ପ୍ୟୁଟର, ଇଂରାଜୀ, ଓଡ଼ିଆ, ହିନ୍ଦୀ, ଓ ବ୍ୟବହାର ଯୋଗ୍ୟ ହସ୍ତକୃତ କଳା ବିଷୟରେ ଛାତ୍ରଛାତ୍ରୀମାନେ ଅନେକ ପ୍ରକଳ୍ପ ପ୍ରସ୍ତୁତ କରି ଅତି ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ସୃଜନଶୀଳତା,ଉପସ୍ଥାପନ ଶୈଳୀ ଜ୍ଞାନର ପରିପ୍ରକାଶ ଇତ୍ୟାଦି ଦେଖି ଦର୍ଶକବୃନ୍ଦ ପ୍ରଶଂସା କରିଥିଲେ । ବିଚାରକ ମଣ୍ଡଳୀ ଛାତ୍ର ଛାତ୍ରୀ ମାନଙ୍କର ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ । ଏହି ଦିନ ବିଦ୍ୟାଳୟ ପରିସରରେ କେମ୍ବ୍ରିଜ ସ୍କୁଲର ସ୍କାଉଟ ଗାଇଡ୍ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ଗ୍ରାମ୍ୟମେଳା ଆୟୋଜିତ ହୋଇଥିଲା । ଏଠାରେ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଉପଲବ୍ଧ ଥିଲା । ପ୍ରକୃତରେ ଛାତ୍ରଛାତ୍ରୀ ମାନଙ୍କର ପ୍ରତିଭା ବିକଶିତ ହେବା ପାଇଁ ଏହା ଏକ ପ୍ଲାଟଫର୍ମ ହେବ ବୋଲି ଅଭିଭାବକମାନେ ମତ ପ୍ରକାଶ କରିଛନ୍ତି ।

# ବିଶ୍ୱ ମଧୁମେହ ଦିବସ ପାଳନ

କଟକ :ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହସ୍ପିଟାଲ ଓ ଆର୍ ଏସ୍ ଏସ୍ ଡି ଆଇ ର ମିଳିତ ଆନୁକୂଲ୍ୟରେ ବିଶ୍ୱ ମଧୁମେହ ଦିବସ ଅବସରରେ ସଭା ଏବଂ ପଦଯାତ୍ରା ହୋଇଥିଲା । ଏହି ସଚେତନତା ମୁଳକ କାର୍ଯ୍ୟକ୍ରମରେ ପଦଯାତ୍ରା ସ୍ଥାନୀୟ ବିଜୁପଟ୍ଟନାୟକ ଛକର କ୍ରିଷ୍ଟିଆନ୍ ପଡିଆରୁ ବାହାରି କନିକାଛକ ଚାନ୍ଦିନୀ ଚୌକ, ମହମ୍ମଦଦିଆ ବଜାର , ଚଣ୍ଡିଛକ ମଧ୍ୟ ଦେଇ ପୁଣି ଆନନ୍ଦ ଭବନରେ ପହଁଂଚିଥିଲା । ଏହି ଅବସରରେ ପ୍ରଫେସର ଡକ୍ଟର ଜୟନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବହୁ ବିଶିଷ୍ଟ ବ୍ୟକ୍ତି , ସମାଜସେବୀ ,ଡକ୍ଟର , ପ୍ରଫେସର, ବାରବାଟୀ କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ,ସି ଏମ୍ ସି ମେୟର ସୁବାସ ସିଂହ, ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ, ବୁଦ୍ଧାଦିତ୍ୟଙ୍କ ସମେତ ସହସ୍ରାଧିକ ଜନସମାଗମ ହୋଇଥିଲା । ମଂଚାସୀନ ଅତିଥିମାନେ ମଧୁମେହ ରୋଗ ପରି ଭୟଙ୍କର ରୋଗରୁ କିପରି ମୁକ୍ତି ମିଳିବ ଏବଂ ଏହାର କାରଣ ଓ ନିରାକରଣ ବିଷୟରେ ଆଲୋଚନା କରିଥିଲେ ।ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ କାର୍ଯ୍ୟକ୍ରମଟି ବିଶେଷ ସଫଳ ହୋଇଥିଲା ।

# ଶିଶୁକୈନ୍ଦ୍ରିକ ପରିବେଶ ଶିଶୁ ପାଇଁ ଜରୁରୀ



ଭୁବନେଶ୍ୱର : ଶିଶୁମାନଙ୍କ ପାଖରେ ଭରି ରହିଛି ଅନନ୍ୟ ପ୍ରତିଭା । ପ୍ରତିଭାକୁ ଆଗେଇ ନେବାପାଇଁ ସମସ୍ତଙ୍କର ସହଯୋଗ ଜରୁରୀ । ଶିଶୁର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଆଗେଇ ନେବାକୁ ହେଲେ କୋଣଠେସା ହୋଇ ରହିଯାଉଥିବା ଶିଶୁମାନଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ପଡିବ । ଯାହା ଫଳରେ ବାଲ୍ୟବିବାହ, ଅଧାରୁ ପାଠ ଛାଡୁଥିବା ଶିଶୁ, ଶିଶୁଶ୍ରମିକ ରହିବେ ନାହିଁ । ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟାଭିମୁଖୀ କରାଇବା ପାଇଁ ପିତାମାତା/ଅଭିଭାବକ ମାନଙ୍କର ଦାୟିତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁମାନେ ମୋବାଇଲ୍ ଛାଡି ଅନ୍ତତଃ ପକ୍ଷେ ପିତାମାତାଙ୍କ ସହିତ ନିଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଆଲୋଚନା କରନ୍ତୁ ଯାହାଫଳରେ ଶିଶୁକୈନ୍ଦ୍ରିକ ପରିବେଶ ଦେଖିବାକୁ ମିଳିବ । ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କଥା ବିଭିନ୍ନ ଅତିଥିମାନେ ମତ ରଖିଛନ୍ତି । ସ୍ଥାନୀୟ ରେଡ୍‌କ୍ରସ ଭବନ ଠାରେ ଶିଶୁ ଓ ମହିଳା ବିକାଶ କେନ୍ଦ୍ର (ସିସିଡବ୍ଲୁଡ଼ି) ଓ ଆକ୍ସନ୍‌ଏଡ୍ ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିଶୁଦିବସ ୨୦୨୪ ଅବକାଶରେ ଅତିଥି ଭାବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ମନ୍ଦାକିନୀ କର, ଆକ୍ସନ୍‌ଏଡ୍ ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ବରିଷ୍ଠ ପତ୍ରକାର ସୁରେନ୍ଦ୍ର ପାତ୍ର, ବିଶିଷ୍ଟ ଶିଶୁ ସାହିତ୍ୟିକ ଶରତ କୁମାର ନାୟକ, ଆକ୍ସନ୍‌ଏଡ୍ ର ଜାତୀୟ ପ୍ରବନ୍ଧକ ଘାସିରାମ ପଣ୍ଡା, ସିନିୟର ପ୍ରୋଗ୍ରାମ ଲିଡ୍ ଶୁଭେନ୍ଦୁ କୁମାର ରାୟ ପ୍ରମୁଖ ଯୋଗଦାନ କରି ଶିଶୁଦିବସ ଅବସରରେ ବାର୍ତା ରଖିଥିଲେ । କାର୍ଯ୍ୟକ୍ରମର ପୃଷ୍ଠଭୂମି ଓ ଶିଶୁ ଅଧିକାରର ବିଭିନ୍ନ ଦିଗ ଉପରେ ସିସିଡବ୍ଲୁଡି ର ସଂପାଦକ ସଦାଶିବ ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରଦାନ କରିଥିବା ବେଳେ କଲ୍ୟାଣୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ପ୍ରତିନିଧି ମାନଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ଶିଶୁମାନେ ନୃତ୍ୟଗୀତ ମାଧ୍ୟମରେ ବିଭିନ୍ନ ସଚେତନତାର ବାର୍ତା ବାଂଟିଥିଲେ ।

# ପ୍ରଜାଙ୍କ ଅଭିଯୋଗ ଶୁଣିଲେ ସମ୍ରାଟ ଗୋସିଙ୍ଗ ଦୈତ୍ୟ

ଭବାନୀପାଟଣା:(ନିପ୍ର) ରାଜ୍ୟର ଅଗ୍ରଣୀ ସଂସ୍ଥା ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୨ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବର ଦ୍ୱିତୀୟ ଦିବସରେ 'ଗୋସିଙ୍ଗ ଦୈତ୍ୟ ଦରବାର' ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଛି । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦରଠାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ଧଙ୍ଗଡାମାଝୀ ଅଧ୍ୟକ୍ଷତା କରିଥିଲେ । ରାଜ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବରିଷ୍ଠ ଅଧିବକ୍ତା ବିଶ୍ୱରଞ୍ଜନ ଭୋଇ, ଯୁବ ଲେଖକ ସୁଶିଲ କୁମାର ବାଗ, ମାଣ୍ଡେଲ ସରପଂଚ ପଦ୍ମଲୋଚନ ଜାଲ, ଅନୁଷ୍ଠାନର ସାଧାରଣ ସଂପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ, ଯୁଗ୍ମ ସଂପାଦକ ସୁଧୀର କୁମାର ଧଙ୍ଗଡାମାଝୀ, କୋଷାଧ୍ୟକ୍ଷ ଜୟଦ୍ରଥ ଜାଲ ମଂଚାସୀନ ଥିବା ବେଳେ ବିଶିଷ୍ଟ ଉଦଘୋଷକ ଗୋପାଳ ଦାସ ମହାନନ୍ଦ ମଂଚ ପରିଚାଳନା କରିଥିଲେ । ପ୍ରଥମେ ପାରମ୍ପରିକ ଗଣାବଜାର ତାଳେ ତାଳେ ମଂଚ ଉଦଘାଟନ କରିଥିଲେ ଶିକ୍ଷାବିତ ଜ୍ୟୋତ୍ସ୍ନାରାଣୀ ଧଙ୍ଗଡାମାଝୀ । ଦରବାରରେ ବିଭିନ୍ନ ସମସ୍ୟା ନେଇ ପ୍ରଜାମାନେ ଅଭିଯୋଗ କରିଥିବାବେଳେ ସମ୍ରାଟ ଗୋସିଙ୍ଗ ଦୈତ୍ୟ ଏସବୁର ସମାଧାନ ପାଇଁ ଅମାତ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ କମ୍ବୁପାଣି ମିଶ୍ରଙ୍କୁ 'ଦେବଗିରି ନାରଦ ସମ୍ମାନ', ବିଶିଷ୍ଟ ଶିକ୍ଷାବିତ ସାଧୁରାମ ଭୋଇଙ୍କୁ 'ଦେବଗିରି ଗୁରୁ ସମ୍ମାନ', ଆଶୁ କବି ମଧୁସୂଦନ ରାଉତଙ୍କୁ 'ଦେବଗିରି କଳା ସମ୍ମାନ', ଯୁବ ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ ଏବଂ ବିରଂଚି କରୁଆଁଙ୍କୁ 'ଦେବଗିରି ବାର୍ତ୍ତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ଏହା ସହ ପିଇଡବ୍ଲୁମିଡ଼ିଆ ଏସୋସିଏସନର ସଭାପତି ନିଲେଶ କୁମାର ନାଗ, ଲାଞ୍ଜିଗଡ଼ ପ୍ରେସ କ୍ଲବ ଉପସଭାପତି କ୍ଷମାନିଧି ମହାଖୁଡ, ବରିଷ୍ଠ ସାମ୍ବାଦିକ ହେମନ୍ତ ସାହୁ ଓ ରମେଶ ଚନ୍ଦ୍ର ନାୟକ ଏବଂ ଲାଞ୍ଜିଗଡ଼ ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଏମ ଚନ୍ଦ୍ର ଶେଖର ପ୍ରମୁଖଙ୍କୁ ସମ୍ରାଟ ଗୋସିଙ୍ଗ ଦୈତ୍ୟ ନିଜ ରାଜ ଦରବାରରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ । ପରେପରେ ଚିଆଁପଦରର ଖଞ୍ଜଣୀ ଭଜନ, ଫତକାବାହାଲିର ଡମ୍ ବଜା, ସୋନପୁରର ମାଁ ବୃନ୍ଦାବତୀ ମହିଳା ଦଣ୍ଡନୃତ୍ୟ ଓ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା ।

# ପ୍ରସବ ପାଇଁ ଟଙ୍କା ନେବା ଘଟଣା, 'ମାସା ଆର୍ମୀ'ର କାର୍ଯ୍ୟାନୁଷ୍ଠାନ ଦାବି

ରାଇରଙ୍ଗପୁର(ନିପ୍ର): ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ବହଳଦା ବ୍ଲକର ଦଲସରା ଗ୍ରାମର ଜଣେ ଆଦିବାସୀ ଗର୍ଭବତୀ ମହିଳାଙ୍କୁ ସୋମବାର ପ୍ରସବ ନିମନ୍ତେ ଭର୍ତ୍ତି କରାଯାଇଥିଲା । କିନ୍ତୁ ତାଙ୍କ ପରିବାର ଲୋକଙ୍କୁ ଡାକ୍ତରଖାନାର ଦୁଇଜଣ ସ୍ୱାସ୍ଥ୍ୟ କର୍ମୀ ଓ ନର୍ସ ପ୍ରସବ ନିମନ୍ତେ ଟଙ୍କା ମାଗିଥିବା ସେମାନେ ପ୍ରକାଶ କରିଥିଲେ । ଟଙ୍କା ନଦେଲେ ବାରିପଦାକୁ ରେଫର୍ କରିଦିଆଯିବ ବୋଲି ଗର୍ଭବତୀ ମହିଳାଙ୍କ ପରିବାରକୁ କୁହାଯାଇ ଥିବା ଘର ଲୋକେ ଅଭିଯୋଗ ଆଣିଥିଲେ । ଗରିବ ଆଦିବାସୀ ପରିବାର ପାଖରେ ଏତେ ଟଙ୍କା ନଥିଲେ ମଧ ଭୟଭୀତ ହୋଇ ଟଙ୍କା ଧାରଉଧାର କରି ପ୍ରସବ ନିମନ୍ତେ ବାଧହୋଇ ଟଙ୍କା ଦେଇଥିଲେ । ସେହିଦନ ରାତିରେ ଗର୍ଭବତୀ ମହିଳା ଜଣକ ପୁତ୍ର ସନ୍ତାନଟିଏ ଜନ୍ମ ଦେଇଥିଲେ । ଏହି ସମ୍ବେଦନଶୀଳ ଖବରଟି



ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ 'ମାସାଆର୍ମୀ' ର ବାମନଘାଟି ଉପଖଣ୍ଡ ସଭାପତି ଦାସ ମାତ ସୋରେନ ଜାଣିବା ପରେ ସେ ମଂଗଳବାର ଚିକିତ୍ସାଳୟରେ ପହଂଚି ଏପରି ଅମାନୁଷିକ ଘଟଣାର ତୀବ୍ର ପ୍ରତିବାଦ କରି ତୁରନ୍ତ ଟଙ୍କା ଫେରସ୍ତ ସହିତ ଦୋଷୀ ସ୍ୱାସ୍ଥ୍ୟକର୍ମୀ ଓ ନର୍ସଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଉପଖଣ୍ଡ ଚିକିତ୍ସାଧିକାରୀଙ୍କ ନିକଟରେ ଦାବି କରିଥିଲେ । ପ୍ରତିବାଦ ପରେ ପ୍ରସୂତିଙ୍କ ପରିବାରକୁ ଟଙ୍କା ଫେରସ୍ତ ମିଳିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଦୋଷୀ ସ୍ୱାସ୍ଥ୍ୟକର୍ମୀ ଓ ନର୍ସଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ 'ମାସାଆର୍ମୀ' ବାମନ ଘାଟି ସଭାପତି ଶ୍ରୀ ସୋରେନଙ୍କ ନେତୃତ୍ୱରେ ଏକ ସ୍ମାରକପତ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କ ଜରିଆରେ ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ଆଗାମୀ ୭ଦିନ ଭିତରେ ଦୋଷୀ ସ୍ୱାସ୍ଥ୍ୟକର୍ମୀ ଓ ନର୍ସଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ 'ମାସା ଆର୍ମୀ' ସଂଗଠନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବାମନଘାଟି ମାସାଆର୍ମୀ ସମ୍ପାଦକ କାହ୍ନୁ ମୁର୍ମୁ, ବାମନଘାଟି ଓ ପାଂଚପୀଡ଼ ଉପଖଣ୍ଡ ସଂଗଠନ ପର୍ଯ୍ୟବେକ୍ଷକ ବାରିଆଳ ହେମ୍ବ୍ରମ, ଉପଖଣ୍ଡ ଉପସଭାପତି ବନମାଳୀ ନାଗ, ସହସମ୍ପାଦକ ରବୀନ୍ଦ୍ର ମୁର୍ମୁ, ସଦସ୍ୟ ଧନରାମ ସୋରେନ ଓ ପାଲୁରାମ ମୁର୍ମୁ ଉପସ୍ଥିତ ଥିଲେ । ଉକ୍ତ ସମ୍ବେଦନଶୀଳ ଘଟଣାକୁ 'ମାସାଆର୍ମୀ' ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି ଗୁରୁତ୍ୱର ସହ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଇଥିବା ଖବର ମିଳିଛି ।

# ଜନଜାତୀୟ ଗୌରବ ଦିବସ ପାଳିତ




ଲଙ୍ଗଳେଶ୍ୱର(ନିପ୍ର): ବିଶିଷ୍ଟ ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ସାରା ଦେଶରେ ପାଳନ ହେଉଥିବା ବେଳେ ବାଲିଆପାଳ ବ୍ଲକ ଦେଉଳା ପଂଚାୟତରେ ଅନୁଷ୍ଠିତ ହୋଇ ଯାଇଛି । ତେବେ ଏହି ଦିବସକୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଜନଜାତୀୟ ଗୌରବ ଦିବସ ଭାବରେ ପାଳନ କରୁଛନ୍ତି । ଦିବସରେ ବାଲିଆପାଳ ବ୍ଲକ ତଥା ଦେଉଳା ପଂଚାୟତ ପ୍ରଶାସନ ପକ୍ଷରୁ ଆଦିବାସୀ ମାନଙ୍କ ପାଇଁ ସ୍ୱତନ୍ତ୍ର ପଲ୍ଲୀସଭା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଦେଉଳା ପଂଚାୟତର ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଯୋଗଦାନ କରିଥିବା ବେଳେ, ଆଦିବାସୀ ମାନଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ରସରକାର ବିଭିନ୍ନ ଯୋଜନା ମାନ କାର୍ଯ୍ୟକାରୀ କରୁଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସୂଚନା ଦିଆଯିବା ସହ କେମିତି ଏହାର ଫାଇଦା ଉଠାଇ ପାରିବେ ସେ ବାବଦରେ ଲୋକଙ୍କୁ ବୁଝାଇଥିଲେ । ଆଦିବାସୀଙ୍କ ଜଙ୍ଗଲ ଅଧିକାର ଆଇନ୍, ପେସା ଆଇନ୍, ଗ୍ରାମ ସଭାର କ୍ଷମତା ଓ ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା । ତେବେ ଉକ୍ତ ବୈଠକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା, ସରପଂଚ ସରୋଜ୍ ପିଳା, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲସ କିସ୍କୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଡିଏଭି ପବ୍ଲିକ ସ୍କୁଲ, ଏମ୍‌ସିଏଲ କଳିଙ୍ଗ କ୍ଷେତ୍ରରେ ଶିଶୁ ଦିବସ ପାଳିତ

ଅନୁଗୋଳ(ନିପ୍ର): ଡି. ଏ.ଭି. ପବ୍ଲିକ ସ୍କୁଲ ଏମ୍. ସି.ଏଲ କଳିଙ୍ଗ କ୍ଷେତ୍ରରେ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ଶିଶୁ ଦିବସ ପାଳିତ ହୋଇଯାଇଅଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଏମ.ସି.ଏଲ. ହିଙ୍ଗୁଳା କ୍ଷେତ୍ରର ମହା ପ୍ରବନ୍ଧକ ବି. ମହମ୍ମଦ ମିଆଁ ଉତ୍ସବକୁ ଉଦ୍‌ଘାଟନ କରି ଶିଶୁମାନେ ଦେଶର ଭବିଷ୍ୟତ, ସେମାନଙ୍କର ଉନ୍ନତି ଉପରେ ଦେଶର ପ୍ରଗତି ନିର୍ଭର କରୁଛି । ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି ମତ ବ୍ୟକ୍ତ କରିଥିଲେ । ବିଶିଷ୍ଟ ଅତିଥି ରୂପେ ପ୍ରତିଭା ମହିଳା ମଣ୍ଡଳର ସଭାପତି ବି. ରିଜୱାନା ମହମ୍ମଦ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ବିଦ୍ୟାଳୟର ଅଧକ୍ଷ ତଥା ସହାୟକ ଆଂଚଳିକ ଅଧିକାରୀ ସୁରେନ୍ଦ୍ର କୁମାର ଭୋଇ ମହୋଦୟ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନେ ଆମ ବିଦ୍ୟାଳୟର ର୍ଗ୍ବ ଏବଂ ଗୌରବ, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରି ବିଦ୍ୟାଳୟକୁ ସୁପ୍ରତିଷ୍ଠିତ କରାଇପାରିଛନ୍ତି ଏବଂ ସେମାନଙ୍କର ବିକାଶ ପାଇଁ ଯଥାସାଧ ପ୍ରୟାସ କରାଯାଉଛି ବୋଲି ପ୍ରକାଶ କରିଥିଲେ । ଭବିଷ୍ୟତରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଅଧିକ ପାରଦର୍ଶିତା ଲାଭ କରି




ବିଦ୍ୟାଳୟର ଗୌରବ ବୃଦ୍ଧି କରାଇବେ ବୋଲି ମତ ବ୍ୟକ୍ତ କରିଥିଲେ । ବହୁ ବରିଷ୍ଠ ଅଧିକାରୀ ଗଣ, ତାଳଚେର ଅଂଚଳର ବିଭିନ୍ନ ଶ୍ରମିକ ସଂଗଠନର ନେତୃବୃନ୍ଦ ଏବଂ ପ୍ରତିଭା ମହିଳାମଣ୍ଡଳର ସଦସ୍ୟା ବୃନ୍ଦ ଯୋଗଦାନ କରି ଏହି ଉତ୍ସବକୁ ଗୌରବ ମଣ୍ଡିତ କରାଇଥିଲେ । ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ ଲରିଥିବା ଏଲ କେ ଜି ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା ବିଭିନ୍ନ ସଦନ ତରଫରୁ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇ ଥିଲା ।ବିଦ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟର ଆୟୋଜନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଏହି ଦିବସଟିକୁ ଉପଭୋଗ କରିବା ପାଇଁ ସୁଯୋଗ ପ୍ରଦାନ କରାଯାଇ ଥିଲା । ବିଦ୍ୟାଳୟର ଶିକ୍ଷକ ପ୍ରଭାରୀ ଶ୍ରୀମତୀ ଇତିଶ୍ରୀ ସାମଲଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଡାକ୍ତର ସମସ୍ୟାନେଇ ମନ୍ତ୍ରୀ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲେ ମଣ୍ଡଳ ସମ୍ପାଦକ

ବୈଶିଙ୍ଗା(ନିପ୍ର): ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଦିନରୁ ଡାକ୍ତର ଅଭାବ ଲାଗି ରହିଥିବା ବେଳେ ବଡ଼ସାହି ବିଧାୟକ ସନାତନ ବିଜୁଳି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଦୁଇ ଜଣ ଡାକ୍ତରଙ୍କୁ ବେତନଟୀ ଡାକ୍ତରଖାନାରେ ସରକାରଙ୍କ ଚିଠି ନମ୍ବର ୨୭୩୬୬ ନିଯୁକ୍ତି ଦିଆଯାଇଥିଲା କିନ୍ତୁ ଭେଷଜ ବିଶେଷଜ୍ଞ ଡାକ୍ତର ଯୋଗଦେଇ ଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ଡାକ୍ତର ଯୋଗଦେଇ ନଥିଲେ । ଏହି ଅଭିଯୋଗ ନେଇ ୩୫ ନମ୍ବର ମଣ୍ଡଳ ସମ୍ପାଦକ ଜୀବନ କୁମାର ପରିଡ଼ା ମୟୂରଭଞ୍ଜ ଜିଲ୍ଲା ଗ୍ରସ୍ତ କାର୍ଯ୍ୟକ୍ରମରେ ଆସିଥିବା ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଓ ବିଧାୟକ ସନାତନ ବିଜୁଳିଙ୍କ ସହ ବେତନଟୀ ଡାକ୍ତରଖାନାରେ ଡାକ୍ତର ସମସ୍ୟା ବାବଦରେ ଦୃଷ୍ଟି ଆକର୍ଷଣ କରିବା ସହ ସେହି ବାବଦରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ରବୀନ୍ଦ୍ର ମହାନ୍ତି, ଯୁବନେତା ବିକାଶ ଦାସ, ଚନ୍ଦ୍ରଶେଖର ବେରା, ପ୍ରଶାନ୍ତ ନାଥ, ବୀରକିଶୋର ବିଶ୍ୱାଳ, ସଞ୍ଜୀବ ଜେନା, କେଶ୍ୱ ନାଥ, ମନୋଜ କୁମାର ପଣ୍ଡାଙ୍କ ସମେତ ବେତନଟୀ ମଣ୍ଡଳର କାର୍ଯ୍ୟକର୍ତ୍ତା ଗଣ ଉପସ୍ଥିତ ଥିଲେ ।

# ଭଗବାନ ବିର୍ସାମୁଣ୍ଡା ଜନ ଜାତୀୟ ଗୌରବ ଦିବସ ପାଳିତ

ବୈଶିଙ୍ଗା(ନିପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ଗଡଦେଉଳିଆ ଉଚ୍ଚ ବିଦ୍ୟାଳୟରେ ଭାରତ ସରକାରଙ୍କର ନେହେରୁ ଯୁବ କେନ୍ଦ୍ର ମୟୂରଭଞ୍ଜ ଓ ବୀର ବିର୍ସା କ୍ଲବ ଲାଖବିନ୍ଧା ମିଳିତ ଆନୁକୁଲ୍ୟରେ ଭଗବାନ ବିର୍ସାମୁଣ୍ଡାଙ୍କର ୧୫୦ ତମ ଜନ ଜାତୀୟ ଗୌରବ ଦିବସ ଅନୁଷ୍ଠିତ ହୋଇଥିଲା । ସକାଳ ସମୟରେ ଯୁବକ ଯୁବତୀ, ଛାତ୍ର ଛାତ୍ରୀ ଓ ଜନ ସାଧରଣଙ୍କୁ ନେଇ ପ୍ରଭାତ ପରିକ୍ରମା କରାଯାଇଥିଲା । ମଧୁ ସିଂ ପୂର୍ବତନ ସରପଂଚ ପତାକା ଦେଖାଇ ଉଦ୍ଧଘଟାନ କରିଥିଲେ । କ୍ଲବର ସଭାପତି ଲକ୍ଷ୍ମୀଧର ମାଝି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାଜ ସେବୀ ବୁଧିଆ ସିଂ ମଂଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଗଦାଧର ଜେନା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ମୁଖ୍ୟ ବକ୍ତା ସନ୍ତୋଷ କୁମାର ଖଣ୍ଡା ଫୋର୍ଡର ସମ୍ପାଦକ, ସମ୍ମାନୀୟ ଅତିଥି ଭାବରେ ଚନ୍ଦ୍ର ମୋହନ ମାରାଣ୍ଡି, ଦୁଃଖିଶ୍ୟାମ ମାଝି ଯୋଗ ଦେଇ ବିର୍ସାମୁଣ୍ଡାଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ବିର୍ସାମୁଣ୍ଡାଙ୍କର ନ୍ୟାୟ, ସତ୍ୟ, ସାହାସିକତା, ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସଙ୍ଗଠିତ କରିଥିଲେ । ମହାତ୍ମା ଗାନ୍ଧୀ ଙ୍କ ପରି ନ୍ୟାୟ ଓ ସତ୍ୟର ଅନ୍ୱେଷଣ ଥିଲା ତାଙ୍କ ସଂଗ୍ରାମର ମୂଳ ଲକ୍ଷ୍ୟ ଓ ସେ ଜଣେ ଉତମ ଚିକିତ୍ସକ ବି ଥିଲେ । ଯୁବ ସମାଜ ଓ ଜନସାଧାରଣଙ୍କୁ ଆନ୍ଦୋଳନ ରେ କିପରି ସାମିଲ କରାଉଥିଲେ ସେ ବିଷୟ ରେ ଅତିଥି ବୃନ୍ଦ ସମସ୍ତଙ୍କୁ ଦିଗଦର୍ଶନ ଦେଇଥିଲେ । ଭଗବାନ ବିର୍ସାମୁଣ୍ଡାଙ୍କ ଜୀବନୀ ଉପରେ ଡ୍ରଇଂ, ବକ୍ତୃତା ଓ ରଚନା ପ୍ରତିଯୋଗିତା କରା ଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା ଏହି ଅବସରରେ ବୃକ୍ଷ ରୋପଣ ମଧ୍ୟ କରାଯାଇଥିଲା । ଦୁର୍ନୀତି ବିରୋଧ, ସାମାଜିକ ଉନ୍ନତି ଓ ପରିବେଶ କାର୍ଯ୍ୟକ୍ରମରେ କୃତିତ୍ୱ ବ୍ୟକ୍ତି ମାନଙ୍କୁ ଆଗାମୀ ବର୍ଷ ବିର୍ସାମୁଣ୍ଡା ଜନ୍ମଦିବସରେ ସମ୍ମାନିତ କରାଯିବ ପାଇଁ କ୍ଲବର ସଭ୍ୟମାନେ ଘୋଷଣା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟ ସଭ୍ୟା ମାନେ ସହଯୋଗ କରିଥିଲେ । ସର୍ବ ଶେଷରେ କ୍ଲବର ସମ୍ପାଦକ ଶଙ୍କର ଚପେୟାର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ବୋଇତ ବନ୍ଦାଣ ମହୋତ୍ସବ ଅନୁଷ୍ଠିତ




ବ୍ରହ୍ମପୁର(ନିପ୍ର): ଉତ୍କଳୀୟ ପରମ୍ପରାର ଅନନ୍ୟ ପର୍ବ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଥିବା 'ବୋଇତ ବନ୍ଦାଣ ମହୋତ୍ସବ' ପାଇଁ ଆଜି ଗୋପାଳପୁର ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଆସନ୍ତା କାଲି ଅନୁଷ୍ଠିତ ହେବାକୁ ଥିବା 'ବୋଇତ ବନ୍ଦାଣ ମହୋତ୍ସବ' ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । ପ୍ରାତଃ ୩ ଘଟିକା ସମୟରେ 'ସାଧବ ସାଂସ୍କୃତିକ ସମାରୋହ', ପ୍ରାତଃ ୫ ଘଟିକାରୁ 'ବୋଇତ ବନ୍ଦାଣ ମହୋତ୍ସବ',ପରେ ୭ ଘଟିକାରୁ 'ଚିତାକର୍ଷକ ଲୋକନାଟ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ',ଝୋଟି ଓ ହୁଳ ହୁଳି ପ୍ରତିଯୋଗିତା,ଓଡ଼ିଆଣୀ ବେଶ ପ୍ରତିଯୋଗିତା,୮ ଘଟିକା ସମୟରେ ଓଡ଼ିଆ ଘରର ପାରମ୍ପରିକ ପିଠାପଣା ପ୍ରତିଯୋଗିତା ସହ ୧୦ ଘଟିକା ସମୟରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ । ଅପରାହ୍ନରେ 'କଳିଙ୍ଗର ନୌବାଣିଜ୍ୟ ପରମ୍ପରାରେ ଗଞ୍ଜାମର ଅବଦାନ' ଶୀର୍ଷକ ଆଲୋଚନା ଚକ୍ର ସହ ସ୍ମରଣୀକା 'ତଅପୋଇ' ଉନ୍ମୋଚନ ହେବ । ପରେ 'ରାମାୟଣ' ଏବଂ ସଂଧ୍ୟା ୫ ଘଟିକା ୩୦ ସମୟରେ 'ମହୋଦଧି ଆଳତୀ' ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏଣୁ ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ଖୋଦ୍ ଉପସ୍ଥିତ ରହି ଏହି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳ, ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ସମେତ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦ୍ୱିତୀୟ ଅଲଫା କପ ଶେଷ ଲିଗ ମ୍ୟାଚରେ ଅଲଫା ସ୍ପୋର୍ଟିଙ୍ଗ କ୍ଲବ ବିଜୟୀ

ବ୍ରହ୍ମପୁର(ନିପ୍ର): ଅଲଫା ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ୨ୟ ଅଲଫା କପ ଜିଲ୍ଲା ସ୍ତରୀୟ କ୍ରିକେଟ ଟୁର୍ନାମେଂଟ ଅଙ୍କୁଶପୁର (ଏସଏମଆଇଟି) ଖେଳ ପଡିଆରେ ଶେଷ ଲିଗ ମ୍ୟାଚ ବ୍ରହ୍ମପୁର ଅଲଫା ସ୍ପୋର୍ଟିଙ୍ଗ କ୍ଲବ ବନାମ ଜୁନିୟର କ୍ରିକେଟ କ୍ଲବ(ଜେସିସି)ମଧ୍ୟରେ ଅନୁଷ୍ଠିତ ହୋଇଥିଲା କ୍ଷ ଜେସିସି ଦଳ ଟସ ଜିତି ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତି ନେଇଥିଲେ । ନିର୍ଦ୍ଧାରିତ ୩୫ ଓଭର ମ୍ୟାଚରେ ୯. ୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୬୬ ରନ କରିଥିଲେ କ୍ଷ ଦଳ ପକ୍ଷରୁ ମୁନା ବେହେରା ୧୫ କରିଥିଲେ କ୍ଷ ଅଲଫା ସ୍ପୋର୍ଟିଙ୍ଗ କ୍ଲବ ପକ୍ଷରୁ ବୋଲିଂରେ ପି ସନ୍ତୋଷ ରେଡ୍ଡୀ ୫ ଓଭର ପକାଇ ୩୩ ରନ ଦେଇ ୫ ଗୋଟି ଉଇକେଟ ଅକ୍ତିହାର କରିଥିଲେ । ଜବାବରେ ଅଲଫା ସ୍ପୋର୍ଟିଙ୍ଗ ଦଳ ୧୧.୨ ଓଭର ଖେଳି ୩ ଗୋଟି ଉଇକେଟ ବିନିମୟରେ ୬୮ ରନ କରି ବିଜୟ ଲାଭ କଲେ । ଦଳ ପକ୍ଷରୁ ସୋମିୟ ରଞ୍ଜନ ବିଶ୍ୱାଳ ୩୨ ବଲ ଖେଳି ୩୫ ରନକରିଥିଲେ କ୍ଷ ଜେସିସି ଦଳ ପକ୍ଷରୁ ବୋଲିଂରେ ମନୋଜ ଦାସ ୫ ଓଭର ପକାଇ ୨୨ ରନ ଦେଇ ୨ ଗୋଟି ଉଇକେଟ ଅକ୍ତିହାର କରିଥିଲେ । ଏହି ମ୍ୟାଚକୁ ଅଲଫା ସ୍ପୋର୍ଟିଙ୍ଗ ଦଳ ୭ ଗୋଟି ଉଇକେଟରେ ମ୍ୟାଚ ହାତେଇନେଲା । ମ୍ୟାଚରେ ଏମ୍ପାୟାର ଭାବେ ରଜନୀ କାନ୍ତ ରେଡି ଓ ସୁଶାନ୍ତ କୁମାର ପଣ୍ଡା ଖେଳକୁ ପରିଚଳନା କରିଥିବା ବେଳେ ସ୍କୋରର ଭାବେ ଅଜୁ ଦାସ ସଯୋଗ କରିଥିଲେ କ୍ଷ ଆଜିର ମ୍ୟାଚରେ ମେନ ଅଫ ଦା ମ୍ୟାଚ ଭାବେ ଅଲଫା ସ୍ପୋର୍ଟିଙ୍ଗ କ୍ଲବର ପି. ସନ୍ତୋଷ ରେଡ୍ଡୀକୁ ଅଲଫା କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ ପ୍ରଦାନ କରିଥିଲେ ।



# ଜିଲ୍ଲା ପ୍ରଶାସନ ପକ୍ଷରୁ ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ



ଗୁଣପୁର/ରାୟଗଡ(ନି.ପ୍ର) ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଣପୁର ଠାରେ ଜନଜାତି ଗୌରବ ଦିବସ ଭାବରେ ପାଳନ କରାଯାଇଛି କ୍ଷ ଏହି ଅବସର ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗୁଣପୁର ତହସିଲ ପଡିଆ ଠାରେ ଏକ ବିରାଟ ସଭାର ଆୟୋଜନ ହୋଇଥିଲା କ୍ଷ ଜ଼ିଲ୍ଲାପାଳ ପାରୁଲ ପଟାୱରୀ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଭଗବାନ ବିର୍ଷା ମୁଣ୍ଡା ଜୟନ୍ତୀକୁ ସାରାଦେଶରେ ଜନଜାତି ଗୌରବ ଦିବସ ଭାବରେ ପାଳନ କରି ତାଙ୍କ ସ୍ମୃତି ଚାରଣ କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ ରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଂ: ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକକା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ରାୟଗଡ଼ା ଉପଜିଲ୍ଲାପାଳ ତଥା ପ୍ରକଳ୍ପ ପ୍ରଶାସିକା କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହତା ପ୍ରମୁଖ ମଂଚାସିନ ହୋଇଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ହିତାଧିକାରୀ ଙ୍କୁ ସହାୟତା ପ୍ରଦାନ ସହ ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ଙ୍କୁ ସମ୍ବର୍ଦ୍ଧିତ କରିଥିଲେ କ୍ଷ ଏହି ଅବସର ରେ ଆଜିର ଏହି ଗୌରବ ଦିବସକୁ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାଷୀ ମାଧମରେ ସିଧାସଳଖ ଭାବେ ଯୋଗ ଦେଇ ସମ୍ବୋଧିତ କରିଥିଲେ କ୍ଷ ଏଥିରେ ମାନ୍ୟବର ପ୍ରଧାନମନ୍ତ୍ରୀ ଦେଶର ୭ଗୋଟି ଆଦର୍ଶ ଗ୍ରାମ ଘୋଷଣା କରିବା ସହ ସେଥିରୁ ରାୟଗଡ ଜିଲ୍ଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ ଶକଟା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିଥିଲେ କ୍ଷ ଏହକ୍ଷ ସହିତ ଜିଲ୍ଲାର ୧୬୧୧ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ , ୬୩୩ ଜଣ ହିତାଧିକାରୀ ଗୃହ ପ୍ରବେଶ କରିଥିଲେ ଏବଂ ୧୨୮ଜଣକୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା କ୍ଷ ୬୩ ଜଣ ଆଦିମ ଜନଜାତି ଙ୍କୁ ଓଟିଇଏଲପି ଜରିଆରେ ସ୍ୱାବଲମ୍ବୀ ହେବା ପାଇଁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି କ୍ଷ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ଆଜି ଲୋକ ଙ୍କୁ ଜଙ୍ଗଲ ଜମି ପଟ୍ଟା ବଂଟନ କରାଯାଇଥିଲା କ୍ଷ ଏହି ଅବସର ରେ ରାୟଗଡ଼ା ଜିଲ୍ଲା ନିର୍ମାଣ ବିଭାଗ ର ୧୪ ଟି ବଡ ପ୍ରକଳ୍ପ ର ଶିଳାନ୍ୟାସ ମଧ କରାଯାଇଥିଲା କ୍ଷ ଏହି ଅବସର ରେ ଜନଜାତି ମାନଙ୍କ ବିକାଶ ନିମନ୍ତେ ୫ବର୍ଷ ଧରି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଜିଲ୍ଲାପାଳ ମତ ବ୍ୟକ୍ତ କରିଥିଲେ କ୍ଷ ଜନଜାତି ବହୁଳ ଅଂଚଳରେ ଆସନ୍ତା ୧୫/ ୧୧/୨୪ ରିଖରୁ ୨୬/୧୧/ ୨୪ ରିଖ ଯାଏଁ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି କ୍ଷ ଏହା ସହିତ ଆଦିମ ଜନଜାତି ବହୁଳ ଅଂଚଳକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ କ୍ଷ ଜନଜାତି ଉତ୍କର୍ଷ ଗ୍ରାମ ଅଭିଯାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ କ୍ଷ ଏହି ଜୟନ୍ତୀ ଅବସର ରେ ସମଗ୍ର ଜିଲ୍ଲା ର ବହୁ ଆଦିବାସୀ ମହିଳା ସାମିଲ ହୋଇଥିଲେ କ୍ଷ ଶେଷ ରେ ଜିଲ୍ଲା ର ବିଭିନ୍ନ ଅଂଚଳ ରୁ ଆସିଥିବା ଆଦିବାସୀ ନୃତ୍ୟ ଦଳ ଓ ବିଭିନ୍ନ କଲ୍ୟାଣ ବିଭାଗ ଅଧୀନସ୍ଥ ସ୍କୁଲ ର ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଅନ୍ୟ ମାନଙ୍କ ମଧରେ ଏହି କାର୍ଯ୍ୟକ୍ରମ ରେ ରାୟଗଡ଼ା ପୌର ପରିଷଦ ର ଅଧକ୍ଷ ମହେଶ୍ୱର ପଟ୍ଟନାୟକ, ଗୁଣପୁର ପୌର ପରିଷଦ ର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ରାୟଗଡ଼ା ଜିଲ୍ଲା ବିଜେପି ସଭାପତି ଶିବ ଶଙ୍କର ପଟ୍ଟନାୟକ, ବିଜେପି ନେତା କାଳୀରାମ ମାଝୀ , ଗୁଣପୁର ବ୍ଲକ ଅଧକ୍ଷା ଝିଲି ଶବର, ରାମନାଗୁଡ଼ା ବ୍ଲକ ଅଧକ୍ଷ ରବି ଗମାଙ୍ଗ , ବିଷମକଟକ ବ୍ଲକ ଉପାଧକ୍ଷ ଦେବୀ ପଟ୍ଟନାୟକ ,ସିଡିଏମଓ ଲାଲ ମୋହନ ରାଉତରାୟ , ଗୁଣପୁର, ବିଷମକଟକ, ଗୁଡ଼ାରୀ ଏବଂ ମୁନିଗୁଡା ର ବିଡ଼ିଓ ଓ ତହସିଲଦାର , ଏଲଏସଡିଏ ର ସ୍ୱତନ୍ତ୍ର ଅଧିକାରୀ ଅସୀମା ରାଓ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଏହି କାର୍ଯ୍ୟକ୍ରମ କୁ ଅତିରିକ୍ତ ଯୋଗାଣ ଅଧିକାରୀ, ଅତିରିକ୍ତ ମଙ୍ଗଳ ଅଧିକାରୀ, ମଙ୍ଗଳ ଉନ୍ନୟନ ଅଧିକାରୀ, ପ୍ରକଳ୍ପ ମ୍ୟାନେଜର ଓଟିଇଏଲପି, ସମସ୍ତ ପଂଚାୟତ ନିର୍ବାହୀ ଅଧିକାରୀ, ରାଜସ୍ୱ ସହାୟକ କାର୍ଯ୍ୟକ୍ରମରେ ସହାୟତା କରିଥିଲେ କ୍ଷ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମ କୁ ଶିକ୍ଷୟତ୍ରୀ ବେବୀ ରାଣୀ ନନ୍ଦ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ର ଅନନ୍ତ ପାତ୍ର ସଂଯୋଜନା କରିଥିଲେ କ୍ଷ ଶେଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଭାରତ ଭୂଷଣ ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ମାଣତ୍ରୀରେ ଭାସିଲା ୧୬୦ ଫୁଟର ବୋଇତ

ସୋର, (ନି.ପ୍ର.)ସୋର ବ୍ଲକ ମାଣତ୍ରୀ ଗ୍ରାମରେ ବୋଇତ ବନ୍ଦାଣ ଉତ୍ସବ ପ୍ରତିବର୍ଷ ପରି ଚଳିତ ବର୍ଷ ମହା ସମାରୋହରେ ପାଳିତ ହୋଇଥିବା ବେଳେ ଏକ ବିରାଟ ବୋଇତ ଗ୍ରାମର ମଦନମୋହନ ପୋଖରୀରେ ଭସା ଯାଇଥିଲା । ଡଙ୍ଗାଟିର ଲମ୍ବ ୧୬୦ ଫୁଟ ଥିବା ବେଳେ ଏହାକୁ ନିର୍ମାଣରେ ପ୍ରାୟ ୫୦ହଜାର ଟଙ୍କା ଖର୍ଚ୍ଚ ହୋଇଛି । ସ୍ଥାନୀୟ ଶିଳ୍ପୀ ଉମେଶ ଚନ୍ଦ୍ର ସ୍ୱାଇଁ ୧୫ ଦିନରେ ଏହାକୁ ନିର୍ମାଣ କରିଥିଲେ । ଗ୍ରାମର ମଦନମୋହନ ଜୀଉ ଯୁବକ ସଙ୍ଘ ପ୍ରତି ବର୍ଷ ବିଭିନ୍ନ ବିଷୟ ବସ୍ତୁକୁ ନେଇ ବୋଇତ ନିର୍ମାଣ କରାଯାଉଥିବା



ବେଳେ ଏ ବର୍ଷ ବୋଇତରେ କାଳୀୟଦଳନ ଶିଳ୍ପକଳା ସ୍ଥାନିତ କରାଯାଇଥିଲା । ଯାହାକି ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା । ଏହାକୁ ଦେଖିବା ପାଇଁ ବିଭିନ୍ନ ଅ□ଳରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ମଦନମୋହନ ଜୀଉ ଯୁବକ ସଂଘର ସଭାପତି ଆଶିଷ ରାଉତ,ସମ୍ପାଦକ ସଞ୍ଜୟ ରାଉତଙ୍କ ସମେତ ସୁରେନ୍ଦ୍ର ଜେନା, ଫକୀରା ଶଂଖୁଆ, କୈଳାସ ଜେନା, ବିଜୟ ପଣ୍ଡା, ମ□ୁ ଜେନା, ଚନ୍ଦନ ପଣ୍ଡା, ପ୍ରଭାକର ଶଙ୍ଖୁଆ ପ୍ରମୁଖ ପରିଚାଳନା କରିଥିଲେ । ରାତିରେ ଏହି ଉତ୍ସବ ଅବସରରେ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ପରିବେଷଣ କରାଯାଇଥିଲା । ପ୍ରାତଃକାଳରେ ଭଜନ, କୀ□ନ ଗ୍ରାମ ପରିକ୍ରମା କରିଥିବା ବେଳେ ଗ୍ରାମରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା ।

# ରନ୍ଧନ ଗ୍ୟାସ ହାଣ୍ଡି ଫାଟି ସ୍ୱାମୀ ଆୟାପ୍ପା ଭକ୍ତ ଗୁରୁତର

ରାୟଗଡ଼ା (ନି.ପ୍ର.) ଏକ ଘରେ ରନ୍ଧନ ଗ୍ୟାସ ହାଣ୍ଡି ଫାଟି ୩ ଜଣ ଗୁରୁତର ହେବଘଟାନ ସମସ୍ତଙ୍କୁ ବିଚଳିତ କରିଦେଇଛି । ରାୟଗଡ଼ା ସହରରେ ଭୋର ପ୍ରାୟ ସକାଳ ୩ ଘଂଟା ୪୫ମିନିଟ ସମୟ ରେ ରାଣିଗୁଡା ସ୍ଥିତ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଗ୍ୟାସ ଗୋଦାମ ନିକଟ ପୌର ପରିଷଦର ୦୯ ନମ୍ବର ୱାର୍ଡ ଦାସରି ଶିବା ନାମକ ବଢେଇଙ୍କ ଘର ଉପର ମହଲାରେ ରନ୍ଧନ ଗ୍ୟାସ ହାଣ୍ଡି ଫାଟି ତିନି ଜଣ ଗୁରୁତର ଆହତ ହେଇଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରାୟଗଡା ପୌର ପରିଷଦ ୱାର୍ଡ ୦୯ ରେ ଦାସରି ଶିବା ନାମକ ବଢ଼େଇଙ୍କ ତୃତୀୟ ମହଲା ଘରେ ତିନି ଜଣ ଆୟାପା ସ୍ୱାମୀ ଭକ୍ତ କୁମାର ସ୍ୱାମୀଙ୍କ ଦୀକ୍ଷା ନେଇ ସେଠାରେ ପୂଜା ପାଠ କରି ରହି ଆସୁଥିଲେ ।



ସେମାନ ହେଲେ ଘର ମାଲିକ ଦାସରୀ ଶିବା ଅନ୍ୟ ଦୁଇ ଜଣ ଧର୍ମା ମିଣୀୟାକା ଓ ଦିନୁ ମିଣୀୟାକା । ପୂର୍ବରୁ ଉକ୍ତ ଘରେ ଗ୍ୟାସ ଲିକ୍ ହୋଇ ଥିବା ଯୋଗୁଁ ଭୋର୍ ସକାଳ ସମୟରେ ଶିବା ନିତ୍ୟ କର୍ମ ସାରି ପୂଜା ଅର୍ଚ୍ଚନା କରିବାପାଇଁ ଅନ୍ୟ ଦୁଇ ଦୀକ୍ଷାଧାରି ଭକ୍ତଙ୍କୁ ଉଠାଇବା ପାଇଁ ରୁମକୁ ଆସି ଲାଇଟ୍ ଲଗାଇବା ପାଇଁ ଯାଇ ଲାଇଟ୍ ସ୍ୱିଚ ଅନ କରିଥିଲେ । ଏହି ସମୟରେ ହଠାତ୍ ରନ୍ଧନ ଗ୍ୟାସ ହାଣ୍ଡି ଫାଟି ବିରାଟ ବିସ୍ଫୋରଣ ହୋଇଥିଲା । ଫଳରେ ଘରେ ଭିତରେ ଥିବା ତିନି ଜଣ ବ୍ୟକ୍ତି ଜଳି ଯାଇ ଗୁରୁତର ହୋଇଛନ୍ତି । ଉକ୍ତ ତିନି ଗୁରୁତରଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଗଲା । କିନ୍ତୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ କେବିନ୍ ସୁବିଧା ନଥିବା ଯୋଗୁଁ ଉତମ ଚିକିତ୍ସା ନିମନ୍ତେ ପ୍ରଥମେ ଶିବାଙ୍କୁ ବିଶାଖାପାଟଣା ଓ ଅନ୍ୟ ଦୁଇ ଜଣଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ଚିକିତ୍ସାଳୟକୁ ପୃଥକ୍ ପୃଥକ୍ ଆମ୍ବୁଲାନ୍ସ ଯୋଗେ ସ୍ଥାନାନ୍ତରିତ କରାଇଥିଲେ । ଏହି ଘଟଣାରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

# TPNODL ପକ୍ଷରୁ ଗ୍ରାହକ ଅନୁଭୂତିରେ ଉନ୍ନତି ପାଇଁ ମିସଡ୍ କଲ୍ ଜରିଅରେ ଅଭିଯୋଗ ପଞ୍ଜୀକରଣର ଶୁଭାରମ୍ଭ

ଭୁବେନଶ୍ୱର:ଗ୍ରାହକ ସେବାରେ ଉନ୍ନତି ଆଣିବା ଓ ବିଦ୍ୟୁତ ସେବାବ୍ୟାହତବିଷୟେର ସୂଚନା ପ୍ରକ୍ରିୟାର ସରଳୀକରଣ କରିବା ଲାଗି ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉେଦ୍ୟାଗ ଟିପି ନଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ପକ୍ଷରୁ ନୂଆ ମିସଡ୍ କଲ୍ ଅଭିେଯାଗ ପଞ୍ଜୀକରଣ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଛି ଯାହା ଗ୍ରାହକମାନଙ୍କୁ ଅତ୍ୟାବଶ୍ୟକୀୟ ସେବା ସମ୍ପର୍କିତ ସୂଚନା ପାଇବା ସହଜ କରିଛି ।ତତ୍କାଳ ଓ ସ୍ୱୟଂକ୍ରିୟ ପ୍ରତିକ୍ରିୟା ପ୍ରଦାନ କରି ଗ୍ରାହକଙ୍କ ପ୍ରତୀକ୍ଷା ସମୟକୁ ଦୂର କରିବା ଲାଗି ଏହି ମିସଡ୍ କଲ୍ ସେବାକୁ ପ୍ରସ୍ତୁତ କରାଯାଇଛି । ନିକଟେର ଶୁଭାରମ୍ଭ ହୋଇଥିବା ଏହି ସେବାେର ଗ୍ରାହକମାେନ ନିଜ ପଞ୍ଜୀକୃତ ମୋବାଇଲ୍ ନମ୍ବରରୁ ୯୭୭୭୭୭୪୭୮୭ ନମ୍ବରକୁ ମିସଡ୍ କଲ୍ କରି ବିଦ୍ୟୁତେସବାବ୍ୟାହତର ବିବରଣୀ ପାଇପାରବେ କିମ୍ବା ଅଭିଯୋଗ ଦାଖଲ କରିପାରେବ । ଏହି ନମ୍ବରକୁ କଲ୍ କେଲ ତାହା ଆେପ କଟିଯିବ ଏବଂ ସିଷ୍ଟମ୍ରୁ ସୃଷ୍ଟି ହୋଇଥିବା ଏକ େମେସଜ୍ ଗ୍ରାହକଙ୍କ ପାଖେର ପହଂଚିବ । ସାଧାରଣ ବିଦ୍ୟୁତ ସେବାବ୍ୟାହତ ସମ୍ପର୍କିତ କଲ୍ ହୋଇଥିଲେ ଗ୍ରାହକମାେନ େମେସଜ୍ରେ ବ୍ୟାହତର କାରଣ ବିବରଣୀ ଓ ସମ୍ଭାବ୍ୟ ପୁନରୁଦ୍ଧାର ସମୟର ସୂଚନା ପାଇପାରିବେ । ବ୍ୟକ୍ତିଗତ ଅଭିଯୋଗ ଲାଗି ଗ୍ରାହକଙ୍କ ପାଖେର ଅଭିଯୋଗ ନମ୍ବର ସହ ଏକ ସ୍ୱଷ୍ଟ ବାର୍ତା ପହଂଚିବ । ଗୋଟିଏ ମୋବାଇଲ ନମ୍ବରେର ଏକାଧିକ ଆକାଉଂଟ୍




ପଞ୍ଜୀକୃତ ଥିବା ଗ୍ରାହକମାନଙ୍କୁ ଅଧିକ ବିବରଣୀ ମାଇଁ ଟାଟା ପାୱାର ଆପ୍ କିମ୍ବା ଦିଆଯାଇଥିବା ଦେୟମୁକ୍ତ ନମ୍ବରେର ଯୋଗାଯୋଗ କରିବାକୁ କୁହାଯିବ । ଯେଉଁ ନମ୍ବର ପଞ୍ଜୀକୃତ ହୋଇନାହିଁ ସେମାନଙ୍କୁ ଆପ୍ କିମ୍ବା ଟିପିଏନ୍ଓଡିଏଲ୍ର ହେଲ୍ପଲାଇନ୍ ଜରିଆେର ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯିବ । ଏ ସମ୍ପର୍କରେ ଟିପିଏନ୍ଓଡିଏଲ୍ର ସିଇଓ ଦ୍ୱିଜଦାସ ବସକ କହିଛନ୍ତି ଯେ, "ମିସଡ୍ କଲ୍ ଅଭିଯୋଗ ପଞ୍ଜୀକରଣ ବ୍ୟବସ୍ଥାର ଶୁଭାରମ୍ଭ ଗ୍ରାହକଙ୍କ୍ ସହ ଭାବ ବିନିମୟକୁ ସରଳ ଓ ଅଧିକ ପ୍ରଭାବଶାଳୀ କରିବା ଦିଗେର ଏକ ପ୍ରମୁଖ ପଦେକ୍ଷପ । ଗୋଟିଏ ମିସଡ୍ କଲ୍ ଜରିଆେର ବାସ୍ତବ ସମୟ ସୂଚନା ପ୍ରଦାନ କରି ଆେମ ଗ୍ରାହକମାନଙ୍କୁ ଅତ୍ୟାବଶ୍ୟକ ସେବାକୁ ସହଜେର ଓ ଶୀଘ୍ର ହାସଲ କରିବା ସୁବିଧା ପ୍ରଦାନ କରୁଛୁ ।''ବିଭିନ୍ନ ଯୋଗାଯୋଗ ଚ୍ୟାେନଲ୍ ମାଧ୍ୟମେର ନିଜ ଉପସ୍ଥିତିର ସମ୍ପ୍ରସାରଣ କରିବାକୁ ଟିପିଏନ୍ଓଡିଏଲ୍ ପ୍ରତିବଦ୍ଧ ରହିଛି । ଅଧିକ ବିବରଣୀ ଲାଗି ଗ୍ରାହକମାେନ ମାଇଁ ଟାଟା ପାୱାର ଆପ୍ କିମ୍ବା ଦେୟମୁକ୍ତ ନମ୍ବର ୧୯୧୨ ଓ ୧୮୦୦-୩୪୫-୬୭୧୮କୁ ବ୍ୟବହାର କରିପାରବେ ।ଏହା ଗ୍ରାହକମାନଙ୍କୁ କଲ ସେଂଟରକୁ କଲ୍ କରିବା ବ୍ୟତିତ ଏକ ସୁବିଧାଜନକ ବିକଳ୍ପ ପ୍ରଦାନ କରିବ । ଏହି ଅଭିଯାନ କଲ୍ ସେଂଟରକୁ ଆସୁଥିବା କଲ୍ ସଂଖ୍ୟା କମ୍ କରାଇ ଏେଜଂଟ୍ମାନଙ୍କୁ ଗ୍ରାହକମାନଙ୍କ ଜଟିଳ ସମସ୍ୟାଗୁଡ଼ିକର ଅଧିକ ପ୍ରଭାବଶାଳୀ ଢଙ୍ଗେର ସମାଧାନ କରିବା ଉପେର ଧ୍ୟାନ ଦେବାେର ସକ୍ଷମ କରିବ । ଗ୍ରାହକମାେନ ଏହି ସେବାକୁ ଚବିଶ ଘଂଟା ଯେକୌଣସି ସମୟେର ହାସଲ କରିପାରିବେ । ଏକ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଅଭିନବ ସମାଧାନ ପ୍ରଦାନ କରିବାକୁ ଟିପିଏନ୍ଓଡିଏଲ୍ ପ୍ରତିବଦ୍ଧ ରହିଛି ।

# ଇନଡୋର ଷ୍ଟାଡିୟମ ମଙ୍ଗଳ ବଜାର ଠାରେ ଟେବୁଲ ଟେନିସ୍ , ବ୍ୟାଡମିଂଟନ କାଠନିର୍ମିତ କୋର୍ଟ ଓ ଚେସ୍ ଟେବୁଲ ଉଦ୍ଘାଟିତ

ଝାରସୁଗୁଡ଼ା(ନି.ପ୍ର.) ଝାରସୁଗୁଡା ଜିଲ୍ଲାରେ ଟେବୁଲଟେନିସ ଆସୋସିଏସନ ୨୦୨୩ ମସିହା ରେ ଗଠିତ ହେବାପରେ ବାଳକ,ବାଳିକା ମାନଙ୍କର ଆଗ୍ରହ ଦେଖି ଆନୁସଂଗିକ ସରଞ୍ଜାମ ଅଭାବ ଉପଲବଧି କରି ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନର ସଭାପତି ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ବେହେରା ଟେବୁଲଟେନିସ ବୋର୍ଡ ଦାନ କରି ଥିବା ବେଳେ ଆଉ ଗୋଟିଏ ବୋର୍ଡ ହକି ଆସୋସିଏସନର ସଭ୍ୟ ତଥା ଜିଲ୍ଲା ହୋଟେଲ ଆସୋସିଏସନର ସଭାପତି ଅଭିଷେକ ଲାଟ ଦାନ କରିଛନ୍ତି । ଏହି ଦୁଇଟି ବୋର୍ଡ ପୌର ପରିଷଦ ର ଇନଡ୍ଡୋର ଷ୍ଟାଡିୟମ ମଙ୍ଗଳ ବଜାର ଠାରେ ଟେବୁଲଟେନିସ ବୋର୍ଡ ଆଜି ଅପରାହ୍ନରେ ଉଦ୍ଘାଟିତ ହୋଇଛି । ଏହା ସହିତ ସେଠାରେ ଜିଲ୍ଲା



ବ୍ୟାଡମିନଟନ୍ ଆସୋସିଏସନ ତରଫରୁ ଉଚ୍ଚମାନର କାଠ ନିର୍ମିତ ଏକ କୋର୍ଟ ମଧ ଉଦ୍ଘାଟିତ ହୋଇଛି । ଚେସ୍ ଆସୋସିସିଏସନର ଦୁଇଟି ଟେବୁଲ ମଧ ଉଦ୍ଘାଟିତ ହୋଇଛି । ଏହା ଫଳରେ ଇନଡ୍ଡୋର ଷ୍ଟାଡିୟମ ମଙ୍ଗଳ ବଜାରରେ ବାଳକ ,ବାଳିକା ମାନେ ୩ଟି ଖେଳ ଗୋଟିଏ ସ୍ଥାନରେ ଖେଳିବାର ସୁଯୋଗ ପାଇ ପାରିବେ ବ୍ୟାଡମିଂଟନ ଆସୋସିଏସନର ସଭାପତି ତଥା ଟେବୁଲଟେନିସ ଆସୋସିଏସନ ର ଉପଦେଷ୍ଟା ଭାବରେ ପ୍ରତାପଚନ୍ଦ୍ର ବେହେରା ଟେବୁଲଟେନିସ ଆସୋସିଏସନ ର ସଭାପତି ଆଇନଜିବି ସନ୍ଦିପ ଅଗସ୍ତି, କାର୍ଯ୍ୟକାରୀ ସଭାପତି ବାଲାଜୀ ସାକସେନା, ଉପ-ସଭାପତି ଜୀବନ ମହାନ୍ତି,ସାଧାରଣ ସଂପାଦକ ଶୁଭମ ଶର୍ମା କୋଷାଦକ୍ଷ ବିଜୟ ମୁନ୍ଦ୍ରା,ରାଜଦୋରା, ନରେଶ ସରଓ୍ୱାଗି, ଜିଲ୍ଲା ଚେସ୍ ଆସୋସିଏସନର ସଭାପତି କିଶୋର ମହାନ୍ତି, ସଂପାଦକ ଶ୍ରୀମତୀ ପଦ୍ମିନୀ ସିଂ ,ସହ -ସଂପାଦକ ପ୍ରକାଶ ସାହୁ, କୋଷାଧକ୍ଷ ପ୍ରସନ୍ନ ନାୟକ, ପ୍ରଭୃତି ଉପସ୍ଥିତ ଥିଲେ ।

# ଦିଲ୍ଲୀର ହାଉଜ୍‌ଖାସ ଜଗନ୍ନାଥ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ ପାଳନ

ନୂଆଦିଲ୍ଲୀ : ; ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି । ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଙ୍ଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ,ସେମାନଙ୍କର ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ସହିତ ସକାଳୁ ଆସି ସାମିଲ ହୋଇଥିବାର ଦେଖା ଯାଇଥିଲା ।ପୁର୍ଣ୍ଣିମା ଉପଲକ୍ଷେ ବୋଇତ ବନ୍ଦାଣର ସ୍ଥଳ ମନ୍ଦିର ପାର୍ଶ୍ୱବର୍ତୀ ଫୁଆରାର ଚାରିପଟ ଏବଂ ସମ୍ପୂର୍ଣ୍ଣ ମନ୍ଦିର ବେଢାକୁ ଖୁବ ସୁନ୍ଦର ଭାବେ ସଜାଯାଇଥିଲା । ସମଗ୍ର ପରିବେଶ ଅତ୍ୟନ୍ତ ଭକ୍ତିପୁତ ଓ ବେଶ ଉତ୍ସବ ମୁଖର ହୋଇପଡିଥିବାର ଲକ୍ଷ୍ୟ କରାଯାଇଥିଲା । ଦର୍ଶକମାନଙ୍କ ମଧ୍ୟରେ ବୋଇତ ଭସାକୁ କେନ୍ଦ୍ର କରି ପ୍ରବଳ ଆନନ୍ଦ, ଉତ୍ସାହ, ଉଲ୍ଲାସ ଏବଂ ଉଦ୍ଦୀପନା ପ୍ରକାଶ ପାଇଥିଲା ।ବଡ଼ି ଭୋରରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଚାରିଦିଅଁଙ୍କର ସାମନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା



କରିଥିଲେ । ଏହାପରେ ଫୁଆରାର ପୋଖରୀ କୂଳରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତଟିକୁ ପୂଜା କରାଯାଇଥିଲା । ଉପସ୍ଥିତ ମହିଳାମାନେ ବୋଇତର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ । ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ପତ୍ନୀ ମୃଦୁଳା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଆୟୋଜକ ତଥା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରବିନ୍ଦ୍ର ନାଥ ପ୍ରଧାନଙ୍କର ତତ୍ତ୍ୱାବଧାନରେ ଆଗନ୍ତୁକ ଅତିଥି ଅଭ୍ୟାଗତମାନଙ୍କ ଦ୍ୱାରା ପାରମ୍ପରିକ ଢଙ୍ଗରେ 'ଆ-କା-ମା-ବୈ' ଧ୍ୱନୀ ଉଚ୍ଚାରଣ କରାଯିବା ସହିତ ସୁଶୋଭିତ ବୋଇତଟିର ଯାତ୍ରା ଶୁଭାରମ୍ଭ ହୋଇଥିଲା ଓ ସମଗ୍ର ଗଗନ ପବନ ହରିବୋଲ, ହୁଳହୁଳି ଏବଂ ଶଙ୍ଖଧ୍ୱନୀ, ଭଜନ-କୀର୍ତନର ସୁଲଳିତ ସ୍ୱର ଝଙ୍କାର ତଥା ଘଂଟ, ଝାଞ୍ଜ ଓ ମୃଦଙ୍ଗ ଆଦି ବାଦ୍ୟର ଘୋରଘର୍ଘର ନାଦରେ ପ୍ରକମ୍ପିତ ହୋଇ ଉଠିଥିଲା । ଓଡ଼ିଆ ଜାତିର ମାନ, ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ବୋଇତଟି ଫୁଆରାର ଚତୁଃପାର୍ଶ୍ୱରେ ପରିଭ୍ରମଣ କରିବାର ଦୃଶ୍ୟ ବେଶ ଅନନ୍ୟ ଓ ଅବିସ୍ମରଣୀୟ ଥିଲା । ଅତୀତରେ ଓଡ଼ିଶାର ସାଧବ ପୁଅମାନେ ସୁଦୂର ଜାଭା, ସୁମାତ୍ରା ,ବାଲି ଓ ବୋର୍ଣ୍ଣିଓ ଆଦି ଦ୍ୱୀପକୁ ବେପାର ବଣିଜ ପାଇଁ ଯାତ୍ରା କରୁଥିବାର ସାଙ୍କେତିକ ଝଲକ ଏଠାରେ ମିଳିଥିଲା । ଓଡ଼ିଶାର ନୌବାଣିଜ୍ୟର ସ୍ୱର୍ଣ୍ଣାଭ ଇତିହାସ, ଗୌରବମୟ ପରମ୍ପରା ଏବଂ ମହାନ ସାଂସ୍କୃତିକ ଐତିହ୍ୟର ଅପୂର୍ବ ରୂପାୟନ ଉପସ୍ଥିତ ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିଲା । ଉତ୍ସବର ମୁଖ୍ୟ ଆକର୍ଷଣ ମଥୁରାରୁ ଆସିଥିବା ବିଶିଷ୍ଟ ଗାୟକ ଜେ.ଏସ୍.ଆର. ମଧୁକର ଓ ସାଥୀଙ୍କର ସୁମଧୁର ଭଜନ ପରିବେଷଣ ଥିଲା । ଉଦୀୟମାନ କଣ୍ଠଶିଳ୍ପୀ ପ୍ରିୟାଂଶୀ ଜେନାଙ୍କର ସଙ୍ଗୀତ ଗାୟନ ମଧ୍ୟ ଉଚ୍ଚକୋଟୀର ଥିଲା । ସୁନାମଧନ୍ୟ ଓଡ଼ିଶୀ ଗୁରୁ ନିତ୍ୟାନନ୍ଦ ଦାସଙ୍କର ଶିଷ୍ୟ ଓ ଶିଷ୍ୟାମାନଙ୍କ ଦ୍ୱାରା କାର୍ତିକ ପୂର୍ଣ୍ଣିମାକୁ ଆଧାର କରି ମଂଚସ୍ଥ ନୃତ୍ୟ ଅଭିନୟ ବେଶ ଭାବୋଦ୍ଦୀପକ ଥିଲା ଏବଂ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା ।କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣପ୍ରଭା ପତି ସୁଚାରୁ ରୂପେ ସଂଚାଳନା କରିଥିଲେ । ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ତରଫରୁ ସ୍ୱାଦିଷ୍ଟ ହବିଷ ପ୍ରସାଦ ପରଷା ଯାଇଥିଲା । ସମଗ୍ର ବୋଇତ ବନ୍ଦାଣ ଉତ୍ସବକୁ ସଫଳତାର ସହିତ ଆୟୋଜନ କରିବାରେ ଶ୍ରୀ ନୀଳାଚଳ ସେବାସଙ୍ଘର ସଭାପତି ବିଘ୍ନେଶ୍ୱର ରାଉତ,ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ଏବଂ ଅନ୍ୟାନ୍ୟ କର୍ମକର୍ତା ଯଥା ; ଗଜେନ୍ଦ୍ର ସାମନ୍ତ, ଅଶୋକ ପ୍ରଧାନ (କ), ପଙ୍କଜ ମହାନ୍ତି, କ୍ଷୀରୋଦ ପାତ୍ର , ଅଜୟ ପ୍ରଧାନ, ଅଶୋକ ପ୍ରଧାନ(ଖ), ରଙ୍କନିଧି ସାହୁ, ବିଜୟ ସାହୁ, ଅଭୟ ପ୍ରଧାନ, ଦିଲ୍ଲୀପ କୁମାର ସ୍ୱାଇଁ, ଅଭିରାମ ସୁତାର, ଅମୂଲ୍ୟ ଓଝା ଏବଂ ମନ୍ଦିରର ପରିଚାଳକ ରଶ୍ମି ରଞ୍ଜନ ବେହେରା ତଥା ସହ ପରିଚାଳକ ଶଶିକାନ୍ତ ସାହୁ, ସଞ୍ଜୀବ ଜେନା ଓ ମନ୍ଦିରର ପୂଜକ ସନାତନ ପାଢ଼ୀ ଏବଂ ଦେବବ୍ରତ ମିଶ୍ରଙ୍କର ଭୂମିକା ବେଶ ଉଲ୍ଲେଖଯୋଗ୍ୟ ଥିଲା । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ରାଷ୍ଟ୍ରପତିଙ୍କର ଅତିରିକ୍ତ ପ୍ରେସ ସଚିବ ବିଜୟ କୁମାର ନାୟକ, ଡଃ ସରୋଜ କୁମାର ଜେନା ଓ ରାଘବ ଦାଶ ପ୍ରମୁଖ ଅନର୍ଭୂକ୍ତ ଥିଲେ ।

# ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପାଳିତ

ରାୟଗଡ(ନି.ପ୍ର.) ଭଗବାନ ବିର୍ଷା ମୁଣ୍ଡାଙ୍କ ୧୫୦ତମ ଜନ୍ମ ଜୟନ୍ତୀକୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଣପୁର ଠାରେ ଜନଜାତି ଗୌରବ ଦିବସ ଭାବରେ ପାଳନ କରାଯାଇଛି । ଏହି ଅବସର ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଗୁଣପୁର ତହସିଲ ପଡିଆ ଠାରେ ଏକ ବିରାଟ ସଭା ଆୟୋଜିତ ହୋଇଥିଲା । ଜିଲାପାଳ ଶ୍ରୀମତୀ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଗବାନ ବିର୍ଷା ମୁଣ୍ଡା ଜୟନ୍ତୀକୁ ସାରାଦେଶରେ ଜନଜାତିୟ ଗୌରବ ଦିବସ ଭାବରେ ପାଳନ କରି ତାଙ୍କ ସ୍ମୃତି ଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଂ: ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ହିତାଧିକାରୀଙ୍କୁ ସହାୟତା ଓ ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସର ରେ ଆଜିର ଏହି ଗୌରବ ଦିବସକୁ ନେଇ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଭିଡିଓ କନଫରେନ୍ସରେ ସିଧାସଳଖ ଭାବେ ଯୋଗ ଦେଇ ସମ୍ବୋଧିତ କରିଥିଲେ । ଏଥିରେ ମାବ୍ୟବର ପ୍ରଧାନମନ୍ତ୍ରୀ ଦେଶର ପୃଥକ ପୃଥକ ଭାବେ ୭ଗୋଟି ଗ୍ରାମକୁ ଆଦର୍ଶ ଗ୍ରାମ



ଘୋଷଣା କରିଛନ୍ତି । ସେଥିମଧ୍ୟରୁ ଆମ ରାଜ୍ୟର ରାୟଗଡ ଜିଲ୍ଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ ଶକଟା ଗ୍ରାମକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବରେ ଘୋଷଣା କରିଥିଲେ କ୍ଷ ଏହକ୍ଷ ସହିତ ଜିଲ୍ଲାର ୧୬୧୧ଟି ପ୍ରଧାନମନ୍ତ୍ରୀ ଆୱାସ ଯୋଜନାରେ କାର୍ଯ୍ୟକ୍ଷଦେଶ , ୬୩୩ଜଣ ହିତାଧିକାରୀ ଗୃହ ପ୍ରବେଶ, ୧୨୮ଜଣକୁ ପ୍ରଥମ କିସ୍ତି ଦିଆଯାଇଥିଲା କ୍ଷ ୬୩ ଜଣ ଆଦିମ ଜନଜାତି ଙ୍କୁ ଓଟିଇଏଲପି ଜରିଆରେ ସ୍ୱାବଲମ୍ବୀ ହେବ ପାଇଁ ୧ଲକ୍ଷ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନାରେ ଆଜି ଲୋକଙ୍କୁ ଜଙ୍ଗଲ ଜମି ପଟା ବଂଟନ କରାଯାଇଥିଲା କ୍ଷ ଏହି ଅବସରରେ ରାୟଗଡ଼ା ଜିଲ୍ଲା ନିର୍ମାଣ ବିଭାଗର ୧୪ଟି ବଡ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା । ଏହି ଅବସରରେ ଜନଜାତି ମାନଙ୍କ ବିକାଶ ନିମନ୍ତେ ୫ବର୍ଷ ଧରି ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ଜିଲ୍ଲାପାଳ କହିଥିଲେ କ୍ଷ ଜନଜାତି ବହୁଳ ଅଂଚଳରେ ଚଳିତ ମାସ ୧୫ ତାରିଖରୁ ୨୬ ତାରିଖ ଯାଏଁ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡିଛି । ଏହା ସହିତ ଆଦିମ ଜନଜାତି ବହୁଳ ଅଂଚଳ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ କ୍ଷ ଜନ ଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ଏହି ଜୟନ୍ତୀ ଅବସରରେ ସମଗ୍ର ଜିଲ୍ଲାର ବହୁ ଆଦିବାସୀ ମହିଳା ସାମିଲ ହୋଇଥିଲେ । ଶେଷରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଆଦିବାସୀ ନୃତ୍ୟ ଦଳ ଓ ବିଭିନ୍ନ କଲ୍ୟାଣ ବିଭାଗ ଅଧୀନସ୍ଥ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାୟଗଡ ଜିଲ୍ଲାପାଳ , ବିଷମକଟକ ବିଧାୟକ, ଗୁଣୁପୁର ବିଧାୟକ, ଗୁଣୁପୁର ଉପ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ କୁ ଶିକ୍ଷୟତ୍ରୀ ବେବୀ ରାଣୀ ନନ୍ଦ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅନନ୍ତ ପାତ୍ର ସଂଚାଳନ କରିଥିଲେ ।

# ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବର ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ : ସାରା ଦେଶରେ ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବ ବେଶ୍ ଧୁମଧାମରେ ପାଳନ ହେଉଛି । ପ୍ରକାଶ ପର୍ବର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭକାମନା ଜଣାଇଛନ୍ତି । ରାଷ୍ଟ୍ରପତି ମୁର୍ମୁ ଶୁଭକାମନା ବାର୍ତାରେ କହିଛନ୍ତି ଯେ, ଗୁରୁନାନକ ଦେବଙ୍କ ପ୍ରକାଶ ପର୍ବ ଅବସରରେ ମୁଁ ଦେଶ ଓ ବିଦେଶରେ ରହୁଥିବା ସମସ୍ତ ଭାରତୀୟ, ବିଶେଷ କରି ଶିଖ ଭାଇଭଉଣୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ଗୁରୁ ନାନକ ଦେବଙ୍କ ଜପଜୀ ସାହିବ ପ୍ରେମ, ଆସ୍ଥା, ସତ୍ୟ ଓ ତ୍ୟାଗ ଉପରେ ଜୋର ଦେଇଥାଏ । ତାଙ୍କ ଶିକ୍ଷା ଆମକୁ ନୈତିକ ଆଚରଣ ରାସ୍ତାରେ ନେଇଯାଇଥାଏ ।

# ବିମାନରେ ତ୍ରୁଟି ଯୋଗୁଁ ଦେଓଘର ବିମାନବନ୍ଦରରେ ଅଟକି ରହିଲେ ପ୍ରଧାନମନ୍ତ୍ରୀ



ଦେଓଘର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି । ଏଥିପାଇଁ ଝାଡ଼ଖଣ୍ଡର ଦେଓଘର ବିମାନବନ୍ଦରରେ ସେ କିଛି ସମୟ ରହିଥିଲେ । ଏଥିଯୋଗୁଁ ଯୋଗୁଁ ତାଙ୍କ ଦିଲ୍ଲୀ ଫେରିବାରେ ସାମାନ୍ୟ ବିଳମ୍ବ ହୋଇଥିଲା । ପ୍ରଧାନମନ୍ତ୍ରୀ ଆଜି ନିର୍ବାଚନ ପ୍ରଚାର ପାଇଁ ଝାଡ଼ଖଣ୍ଡ ଗସ୍ତରେ ଥିଲେ । ଆଦିବାସୀ ନେତା ବିସ୍ରା ମୁଣ୍ଡାଙ୍କ ଜୟନ୍ତୀରେ ଆୟୋଜିତ ଜନଜାତି ଗୌରବ ଦିବସ ଉପଲକ୍ଷେ ସେ ୨ଟି ଜନସଭାରେ ଯୋଗ ଦେଇଥିଲେ । ଏସବୁ କାର୍ଯ୍ୟକ୍ରମ ସାରି ମୋଦୀ ନୂଆଦିଲ୍ଲୀ ଫେରିବାକୁ ଏୟାରପୋର୍ଟ ଯିବାବେଳେ ତାଙ୍କ ବିମାନରେ ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡ଼ିଥିଲା । ଏହାପରେ ବୈଷୟିକ ଟିମ ବିମାନର ତ୍ରୁଟି ସଜାଡ଼ିବାକୁ ଲାଗିଥିଲେ । ରୋଚକ କଥା ହେଉଛି ଆଜି କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ମଧ୍ୟ ନିର୍ବାଚନ ପ୍ରଚାର ପାଇଁ ଝାଡ଼ଖଣ୍ଡରେ ଥିଲେ । ଏହି ସମୟରେ ଏୟାର ଟ୍ରାଫିକ କଂଟ୍ରୋଲର ପକ୍ଷରୁ ଅନୁମତି ନ ମିଳିବାର ତାଙ୍କ ହେଲିକପ୍ଟର ୨ ଘଂଟା ଅଟକି ରହିଥିଲା । ଆସନ୍ତା ୨୦ ତାରିଖରେ ଝାଡ଼ଖଣ୍ଡରେ ୨ୟ ପର୍ଯ୍ୟାୟ ଭୋଟଗ୍ରହଣ ହେବ ।

# ନଭେମ୍ବର ୧୮, ୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ



ଭୁବନେଶ୍ୱର : ଆସନ୍ତା ନଭେମ୍ବର ୧୮ ତାରିଖ ଏବଂ ନଭେମ୍ବର ୨୫ ତାରିଖ ଉଭୟ ସୋମବାରରେ ଭୁବନେଶ୍ୱର, ୟୁନିଟ -୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ଦିଆଯାଇଛି । ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ ଜଣାଯାଇଛି । ଏହାପୂର୍ବରୁ ନଭେମ୍ବର ୪ ଓ ୧୧ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା । ସେହିଭଳି ବାତ୍ୟା 'ଦାନା' ଓ ପରବର୍ତୀ ସାହାଯ୍ୟ ଏବଂ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୮ ରେ ଭୁବନେଶ୍ୱର ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଥିଲା । ଯେଉଁମାନେ ଏହି ଦିନ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ଅନଲାଇନ୍ ଯୋଗେ ପଞ୍ଜୀକରଣ କରିଥିଲେ, ସେମାନେ ମୁଖ୍ୟମନ୍ତ୍ରୀଙ୍କ ପରବର୍ତୀ ଅଭିଯୋଗ ଶୁଣାଣି ପାଇଁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ସେମାନଙ୍କୁ ପରବର୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା ।



# ଐତିହାସିକ ବାଲିଯାତ୍ରାକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ





କଟକ : ନୌବାଣିଜ୍ୟ ପରମ୍ପରାର ଗାଥା ବହନ କରୁଥିବା ଏହି ବୃହତ ବାଣିଜ୍ୟିକ ମହାକୁମ୍ଭ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଐତିହାସିକ ବାଲିଯାତ୍ରାକୁ ଉଦ୍‌ଘାଟନ କରିଛନ୍ତି । ପରେ ମୁଖ୍ୟମନ୍ତ୍ରୀ ମେଳା ବୁଲି ଦେଖିଥିଲେ । ଚଳିତବର୍ଷ ଉପର ଓ ତଳ ପଡ଼ିଆକୁ ମିଶାଇ ମୋଟ୍ ୩୨ ଏକର ଜାଗାରେ ୨୫୦୦ରୁ ଅଧିକ ଷ୍ଟଲ କରାଯାଇଛି । ବାଲିଯାତ୍ରାକୁ ଭବ୍ୟ ଓ ଆକର୍ଷଣୀୟ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ପହଁଚାଇବା ପାଇଁ ୧୩ଟି ଦେଶର ରାଷ୍ଟ୍ରଦୂତଙ୍କୁ ଅତିଥି କରାଯିବା ସହ ୮ଟି ଦେଶର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଚଳିତବର୍ଷ ବାଲିଯାତ୍ରାରେ ଅନେକ କିଛି ନୂଆ ଦେଖିବାକୁ ମିଳିବ । କଟକ ଇନ୍ କଟକରେ ଦେଖିବାକୁ ମିଳିବ ଓଡ଼ିଆ ଅସ୍ମିତାର ଝଲକ । ପୁରୁଣା ଓଡ଼ିଆ ଚଳଚ୍ଚିତ୍ରର ସ୍ମୃତିକୁ ମନ ପକେଇବାକୁ ପ୍ରୟାସ କରିଛି ପ୍ରଶାସନ । ସୀତା ବିବାହ, ହୀରାଲୀଳା, ଗପ ହେଲେବି ସତ ଓ ଚିହ୍ନା ଅଚିହ୍ନା ପରି ଲୋକପ୍ରିୟ ଓଡ଼ିଆ ଫିଲ୍ମର ପୋଷ୍ଟର ଗ୍ୟାଲେରୀ ପ୍ରଦର୍ଶୀତ ହେବା ସହ ପୁରୁଣା ଓଡ଼ିଆ ଫିଲ୍ମ ଦେଖିବା ପାଇଁ ଆମ୍ପିଥିଏଟର କରାଯାଇଛି । ଆଉ ସେଠାରେ ଓଡ଼ିଆ ଚଳଚ୍ଚିତ୍ରର ଚର୍ଚ୍ଚିତ ଡିଏଲଗ ଓ ସଂଗୀତ ଅଡିଓ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ସେହିପରି ଚଳିତବର୍ଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ସାଉଥ୍ ଇଷ୍ଟ ଏସିଆ ପାଭିଲିୟନ । ଜାଭା, ସୁମାତ୍ରା, ବାଲି ଇଣ୍ଡୋନେସିଆ ପରି ଦେଶ ସହିତ ଆମ ଦେଶର ନୌବାଣିଜ୍ୟ ପରମ୍ପରା ସମ୍ପର୍କର ତଥ୍ୟ ଜାଣିପାରିବେ ଦର୍ଶକ । ଏହାସହ ନଦୀ ଭିତରେ ଡ୍ରୋନ୍ ଶୋ' ମାଧ୍ୟମରେ ଓଡ଼ିଆ ସଂସ୍କୃତି ପରମ୍ପରା ସହ ମହାପୁରୁଷଙ୍କ ଫଟୋ ଓ ଓଡ଼ିଶାର ଇତିହାସ ସମ୍ପର୍କରେ ଅବଗତ କରାଯିବ । କେବଳ ସେତିକି ନୁହେଁ, ମନୋରଞ୍ଜନର ଭରପୁର ଖୋରାକ ଯୋଗାଇବ ବାଲିଯାତ୍ରା । ହଲିଉଡ୍‌ର ଚର୍ଚ୍ଚିତ ଫିଲ୍ମ ଅବତାର ଆନିମେସନର ଥିମ୍ ଭଳି ଅନନ୍ତ ଦୁନିଆ ବା ଇନଫିନିଟି ୱାଲ୍‌ଡର ମଜା ନେବେ ଦର୍ଶକ । ବାଲିଯାତ୍ରାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ବଲିଉଡ୍ କଣ୍ଠଶିଳ୍ପୀ ସୋନୁ ନିଗମ, ସୁରେଶ ୱାଡେକର, ଅନୁପ ଜୋଲେଟା ସଙ୍ଗୀତ ପରିବେଷଣ କରିବେ । ଏହାଛଡ଼ା ଓଲିଉଡ୍ କଣ୍ଠଶିଳ୍ପୀ ଅସୀମା ପଣ୍ଡା, ମଂଟୁ ଛୁରିଆ, ଦିପ୍ତିରେଖା ପାଢୀ ପ୍ରମୁଖ କଳାକାରମାନେ ବୈଷ୍ଣବ ପାଣି ମଂଚ ଏବଂ ଅକ୍ଷୟ ମହାନ୍ତିଙ୍କ ମଂଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି ।

# ଗୁଜୁରାଟରେ ୭୦୦ କିଲୋଗ୍ରାମରୁ ଅଧିକ ନିଷେଧାଦେଶ ମିଥାମଫେଟାମାଇନ୍ ଜବତ କରିଥିବା ସୁରକ୍ଷା ଏଜେନ୍ସିକୁ ଅଭିନନ୍ଦନ ଜଣାଇଲେ ଅମିତ ଶାହ



ନୂଆଦିଲ୍ଲୀ : ଏକ ଅନ୍ତର୍ଜାତୀୟ ଡ୍ରଗ୍ କାରବାର କାର୍ଟେଲକୁ ଗୁଜୁରାଟରେ ୭୦୦ କିଲୋଗ୍ରାମ ନିଷେଧାଦେଶ ମିଥାମଫେଟାମାଇନ୍ ଜବତ କରିଥିବାରୁ କେନ୍ଦ୍ର ଗୃହମନ୍ତ୍ରୀ ତଥା ସହଯୋଗ ମନ୍ତ୍ରୀ ଶ୍ରୀ ଅମିତ ଶାହା ସୁରକ୍ଷା ଏଜେନ୍ସିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏକ୍ସ ଉପରେ ଏକ ପୋଷ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଡ୍ରଗ୍ ମୁକ୍ତ ଭରତଙ୍କ ଦୃଷ୍ଟିକୁ ଅନୁସରଣ କରି ଆମର ଏଜେନ୍ସିମାନେ ଆଜି ଏକ ଆନ୍ତର୍ଜାତୀୟ ଡ୍ରଗ୍ କାରବାର କାର୍ଟେଲକୁ ଖଣ୍ଡନ କରିଛନ୍ତି ଏବଂ ପାଖାପାଖି ଜବତ କରିଛନ୍ତି । ଗୁଜୁରାଟରେ ୭୦୦ କିଲୋଗ୍ରାମ ନିଷେଧାଦେଶ ମିଥ୍ । ଏନସିବି, ଭାରତୀୟ ନୌସେନା ଏବଂ ଗୁଜୁରାଟ ପୋଲିସ ଦ୍ୱାରା କରାଯାଇଥିବା ମିଳିତ ଅପରେସନ୍ ଏହି ଦୃଷ୍ଟିକୋଣ ପ୍ରତି ଆମର ପ୍ରତିବଦ୍ଧତାର ଏକ ଉତ୍କୃଷ୍ଟ ଉଦାହରଣ ତଥା ସମାନ ସଫଳତା ହାସଲ କରିବାରେ ଆମର ଏଜେନ୍ସିଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିଥାଏ । ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ପାଇଁ ଏଜେନ୍ସିମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ । ନାର୍କୋଟିକ୍ସ କଂଟ୍ରୋଲ ବ୍ୟୁରୋ (ଏନସିବି), ଭାରତୀୟ ନୌସେନା ଏବଂ ଏଟିଏସ ଗୁଜୁରାଟ ପୋଲିସର ମିଳିତ ଅପରେସନରେ ପ୍ରାୟ ୭୦୦ କିଲୋଗ୍ରାମ ମେଥ ପରିବହନ କରୁଥିବା ଏକ ଜାହାଜ ଭାରତର ଟେରିଟୋରିଆଲ ଜଳରେ ବାଧାପ୍ରାପ୍ତ ହୋଇଥିଲା । ଜାହାଜରେ କୌଣସି ପରିଚୟପତ୍ର ବିନା ୦୮ ବିଦେଶୀ ନାଗରିକ ଇରାନୀୟ ବୋଲି ଦାବି କରିଛନ୍ତି । ନିରନ୍ତର ଗୁପ୍ତଚର ସଂଗ୍ରହ ଏବଂ ବିଶ୍ଳେଷଣ ଦ୍ୱାରା ଏକ ନିର୍ଭରଯୋଗ୍ୟ ଇନପୁଟ୍ ସୃଷ୍ଟି ହେଲା ଯାହା ଏକ ପଞ୍ଜୀକୃତ ଜାହାଜ, ଯେଉଁଥିରେ କୌଣସି ଇଓଝ ସ୍ଥାପିତ ହୋଇନଥାଏ, ନାର୍କୋଟିକ୍ / ସାଇକୋଟ୍ରୋପିକ୍ ପଦାର୍ଥ ସହିତ ଭାରତୀୟ ଜଳରେ ପ୍ରବେଶ କରିବ । ଏହି ଗୁପ୍ତଚର ଇନପୁଟ୍ ଉପରେ ଅପରେସନ୍ କୋଡେନ୍ ନାମକ "SAGAR-MANTHAN-4" ଲଂଚ କରାଯାଇଥିଲା ଏବଂ ଜାହାଜଟି ଭାରତୀୟ ନୌସେନା ଦ୍ୱାରା ଚିହ୍ନଟ ହୋଇ ବାଧାପ୍ରାପ୍ତ ହୋଇଥିଲା ଯାହା ଦ୍ୱାରା ଏହାର ମିଶନ-ନିୟୋଜିତ ସାମୁଦ୍ରିକ ପାଟ୍ରୋଲିଂ ସମ୍ପତିକୁ ଏକତ୍ର କରି ନଭେମ୍ବର ୧୫, ୨୦୨୪ ରେ ଉପରୋକ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଡ୍ରଗ୍ ସିଣ୍ଡିକେଟ୍‌ର ପଛୁଆ ଏବଂ ଅଗ୍ରଗାମୀ ଲିଙ୍କେଜ୍ ଚିହ୍ନଟ ପାଇଁ ଅନୁସନ୍ଧାନ ଚାଲିଛି ଯେଉଁଥି ପାଇଁ ବିଦେଶୀ ଉଖରଇ ର ସହାୟତା ନିଆଯାଉଛି । ଏହି ଅପରେସନ୍ ମଧ୍ୟ ଆନ୍ତ - ଏଜେନ୍ସି ସହଯୋଗ ଏବଂ ସମନ୍ୱୟର ଏକ ଉତମ ଉଦାହରଣ । ଜାତୀୟ ବିପଦକୁ ପ୍ରତିହତ କରିବା ପାଇଁ ଏନସିବି ମୁଖ୍ୟାଳୟର ଅପରେସନ୍ ଶାଖାର ଅଧିକାରୀ ତଥା ଭାରତୀୟନୌସେନା, ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଏଟିଏସ୍ ଗୁଜରାଟ ପୋଲିସର ଅଧିକାରୀଙ୍କ ଏକ ଟିମ୍ ଗଠନ କରି ଚଳିତ ବର୍ଷ ପ୍ରାରମ୍ଭରେ ଏନସିବି ଦ୍ୱାରା ଅପରେସନ୍ "ସାଗର-ମାନଥାନ" ଆରମ୍ଭ କରାଯାଇଥିଲା । ବେଆଇନ ଡ୍ରଗ୍ସର ସାମୁଦ୍ରିକ କାରବାରରୁ ସୁରକ୍ଷା । ଭାରତୀୟ ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀର ସମନ୍ୱୟ ରକ୍ଷା କରି ଏନସିବି ଦ୍ ସ୍ୱଙ୍କମଷ ।ରା ଏହିପରି ଏକ ସାମୁଦ୍ରିକ ଅପରେସନ୍ ଆରମ୍ଭ କରାଯାଇଛି ଏବଂ ବର୍ତମାନ ପର୍ଯ୍ୟନ୍ତ ପ୍ରାୟ ୩୪୦୦ କିଲୋଗ୍ରାମ ବିଭିନ୍ନ ନାର୍କୋଟିକ୍ ଡ୍ରଗ୍ ଏବଂ ସାଇକୋଟ୍ରୋପିକ୍ ପଦାର୍ଥ ଜବତ କରାଯାଇଛି ଏବଂ ୧୧ ଜଣ ଇରାନ ନାଗରିକ ଏବଂ ୧୪ ଜଣ ପାକିସ୍ତାନୀ ନାଗରିକ ଗିରଫ ହୋଇଛନ୍ତି ।

# ଆଜିଠାରୁ ସମସ୍ତ ଚାରିଦ୍ୱାରରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ



ଭୁବନେଶ୍ୱର : ଶନିବାରଠାରୁ ସମସ୍ତ ଚାରିଦ୍ୱାରରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ । ତେବେ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାରରେ ହିଁ ପ୍ରସ୍ଥାନ କରିବେ । ସିଂହଦ୍ୱାରରେ ଶ୍ରଦ୍ଧାଳୁଙ୍କ ପ୍ରସ୍ଥାନ ସମ୍ପୂର୍ଣ୍ଣ ବାରଣ କରାଯାଇଛି ।ସେବକ ତଥା ତାଙ୍କ ପରିବାର ବର୍ଗ ସମସ୍ତ ଦ୍ୱାରରେ ପ୍ରବେଶ ତଥା ପ୍ରସ୍ଥାନ କରିପାରିବେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଡ. ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଶ୍ରୀମନ୍ଦିର ନାଟମଣ୍ଡପ ଠାରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବେ ବିଚାରାଧୀନ ରହିଛି । ପରବର୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ପରାମର୍ଶ ଓ ଅନୁମୋଦନ ପରେ ଏହାକାର୍ଯ୍ୟକାରୀ ହେବ । ସେ କହିଛନ୍ତି ଯେ, ପବିତ୍ର କାର୍ତିକ ପୂର୍ଣ୍ଣିମାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଦର୍ଶନ ସହ କାର୍ତିକ ବ୍ରତ ସମାପନ କରିଛନ୍ତି । ଏବର୍ଷ କାର୍ତିକ ମାସରେ ନୀତିକାନ୍ତି ସମ୍ପାଦନ, ଦର୍ଶନ ଶୃଙ୍ଖଳା ତଥା ଭିଡ ନିୟନ୍ତ୍ରଣ ବ୍ୟବସ୍ଥାରେ ସହଯୋଗ ପାଇଁ ସେବକ ନିଯୋଗ, ଶ୍ରୀମନ୍ଦିର ତଥା ଜିଲ୍ଲା ଏବଂ ପୁଲିସ ପ୍ରଶାସନର ସମସ୍ତ ଅଧିକାରୀ/କର୍ମଚାରୀ, ଗଣମାଧମ ବନ୍ଧୁଗଣ ଏବଂ ବିଶେଷ କରି ମହାପ୍ରଭୁଙ୍କ ଅଗଣିତ ଭକ୍ତଙ୍କୁ ଶ୍ରୀ ପାଢୀ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଭଗବାନ ବିର୍ସା ମୁଣ୍ଡା କେବଳ ଆମ ସ୍ୱାଧୀନତା ସଂଗ୍ରାମର ମହାନାୟକ ନଥିଲେ ବରଂ ଆମ ଆଧାତ୍ମିକତା ଏବଂ ସାଂସ୍କୃତିକ ଉର୍ଜାର ବାହକ ଥିଲେ : ଆଇନ ମନ୍ତ୍ରୀ



ଭୁବନେଶ୍ୱର : ଭଗବାନ ବିର୍ସା ମୁଣ୍ଡା କେବଳ ଆମ ସ୍ୱାଧୀନତା ସଂଗ୍ରାମର ମହାନାୟକ ନଥିଲେ ବରଂ ଆମ ଆଧାତ୍ମିକତା ଏବଂ ସାଂସ୍କୃତିକ ଉର୍ଜାର ବାହକ ଥିଲେ । ଆଜି କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଜିଲ୍ଲା ସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ' ସମାରୋହରେ ଯୋଗଦେଇ ସଭାକୁ ସମ୍ବୋଧିତ କରି ରାଜ୍ୟର ପୂର୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା କହିଛନ୍ତି । ସେ କହିଛନ୍ତି ଯେ, ଭଗବାନ ବିର୍ସା ମୁଣ୍ଡାଙ୍କ ସଂଘର୍ଷ ଓ ସାହସ ଆମକୁ ସର୍ବଦା ପ୍ରେରିତ କରୁଥାଉ । ଜନଜାତୀୟ ଗୌରବ ଦିବସ ଜରିଆରେ ଦେଶ ନିଜ ଆଦିବାସୀ ପରମ୍ପରାକୁ ନେଇ ଗର୍ବ କରୁଛି ଏବଂ 'ପଂଚ ପ୍ରାଣ' ଉର୍ଜାର ଅଂଶବିଶେଷ ଭାବେ ଜନଜାତି ସମୁଦାୟର ବିକାଶ ପାଇଁ ଆମ ସରକାର ସଦା ସର୍ବଦା ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି । ସେ ଏହି ଅବସରରେ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ 'ଜିଲ୍ଲା ସ୍ତରୀୟ ଜନ ଜାତୀୟ ଗୌରବ ଦିବସ' ପାଳନ ଅବସରରେ କଟକ ଜିଲ୍ଲାର ବିଭିନ୍ନ ଅଂଚଳର ଯୋଗ୍ୟ ବିବେଚିତ ହିତାଧିକାରୀ ମାନଙ୍କୁ ଜଙ୍ଗଲ ଜମି ପଟ୍ଟା ବଂଟନ କରିଛନ୍ତି ।

# ୨୦୨୪-ଉଭବ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଲେ ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର : ଉଦଯାପିତ ହୋଇଛି ଚାରି ଦିବସୀୟ ପଂଚମ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଜାତୀୟ ସାଂସ୍କୃତିକ, ସାହିତ୍ୟିକ ଏବଂ କଳା ଉତ୍ସବ ୨୦୨୪- 'ଉଭବ' । ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏଥିସହିତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ନ୍ୟାସନାଲ୍ ଏଜୁକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଂଟ ର ଯୁଗ୍ମ ଆୟୁକ୍ତ ଶ୍ରୀ ଅନୁପମ୍ ସୋନାଲକର୍ ଏବଂ ଓଡ଼ିଶା ମଡ଼େଲ୍ ଟ୍ରାଇବାଲ୍ ଏଜୁକେସନ୍ ସୋସାଇଟି ର ସଚିବ ତଥା ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୋଗ ଦେଇ କହିଛନ୍ତି, ଏହି ଯୁବ ଏକଲବ୍ୟମାନେ ମହାନ୍ ଭାରତବର୍ଷର ଭବିଷ୍ୟତ ଲେଖିବେ । ସେମାନଙ୍କ ପ୍ରସ୍ତୁତି ଏବଂ ପ୍ରଦର୍ଶନ ଦେଖି ଖୁସି ଲାଗୁଛି । ନିଜର ତଥା ଜନ୍ମଭୂମିର ଗୌରବ ରକ୍ଷା ପାଇଁ ଏବେଠାରୁ ପ୍ରସ୍ତୁତ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ସେ ଏହାମଧ କହିଛନ୍ତି ଯେ, ଆଜି ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜନଜାତିଙ୍କ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଶୁଭାରମ୍ଭ କରିଛନ୍ତି । ଏହା ଜନଜାତିଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ସହାୟକ ହେବ । ଏଥିସହିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଗଠନ ଦିଗରେ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ବିଷୟରେ ଆଲୋଚନା କରିଛନ୍ତି ।

# ରାଜ୍ୟରେ ଆଗକୁ ବଢ଼ିବ ଶୀତ



ଭୁବନେଶ୍ୱର : ରାଜ୍ୟରେ ବର୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନାହିଁ । ଗତ କିଛିଦିନ ଧରି ସାରା ରାଜ୍ୟରେ ପାଗ ପ୍ରାୟତଃ ଶୁଖିଲା ରହୁଥିବାବେଳେ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ଖସିଛି । ଅନ୍ୟଜିଲାଗୁଡ଼ିରେ ତାପମାତ୍ରାରେ ବିଶେଷ ପରିବର୍ତନ ହୋଇନାହିଁ । ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ରହିଥିବାବେଳେ ଅନ୍ୟ ଗୋଟିଏ ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ସମାନ୍ୟ କମ୍ ରହିଥିଲା । ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକ ଠାରୁ ଅଧିକ ତାପମାତ୍ରା ରେକର୍ଡ ହୋଇଛି । ମାତ୍ର ଶନିବାର ଠାରୁ ରାଜ୍ୟରେ ପାରଦ ତଳମୁହାଁ ହୋଇପାରେ । ଫଳରେ ରାଜ୍ୟବାସୀଙ୍କୁ ଶୀତ ଥରାଇପାରେ । ବିଶେଷ କରି ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇପାରେ । ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ । ଏନେଇ ଆଂଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଶୁକ୍ରବାର ଉତର ଓଡ଼ିଶାରେ ବିଶେଷ କରି ସୁନ୍ଦରଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଗଭୀର କୁହୁଡ଼ି ଦେଖିବାକୁ ମିଳିଛି । ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବିଶେଷ କରି କନ୍ଧମାଳ ଜିଲାରେ ମଧ୍ୟମ ଧରଣର କୁହୁଡ଼ି ଆସ୍ତରଣ ଦେଖିବାକୁ ମିଳିଥିଲା । ଶୁକ୍ରବାର ରାଜ୍ୟରେ ସର୍ବାଧିକ ତାପମାତ୍ରା ପାରାଦ୍ୱୀପରେ ୩୩.୦ଡିଗ୍ରୀ ସେଲସିୟସ୍ ରେକର୍ଡ ହୋଇଥିବାବେଳେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୯ ଡିଗ୍ରୀ ସେଲସିୟସ୍ ରହିଥିଲା ।

# ପ୍ରତ୍ୟୁଷ ଜିତିଲେ କ୍ୟାରିୟରର ପ୍ରଥମ ଆଇଟା ଟାଇଟଲ




ଭୁବନେଶ୍ୱର: ଓଡିଶାର ଉଦୀୟମାନ ଟେନିସ ଖେଳାଳି ପ୍ରତ୍ୟୁଷ ମହାନ୍ତି ଶୁକ୍ରବାର କ୍ୟାରିୟରର ପ୍ରଥମ ଅଲ ଇଣ୍ଡିଆ ଟେନିସ ଆସୋସିଏଶନ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି । ଫାଇନାଲରେ ସେ କର୍ଣ୍ଣାଟକର ଚନ୍ଦନ ଶିଭରାଜଙ୍କୁ ୪-୬, ୭-୫, ୬-୨ ସେଟରେ ପରାସ୍ତ କରିଥିଲେ । ପ୍ରଥମ ସେଟ ହାରିବା ପରେ ପ୍ରତ୍ୟୁଷ ଚମତ୍କାର ପ୍ରଦର୍ଶନ କରି ଦ୍ୱିତୀୟ ସେଟକୁ ଜିତି ମ୍ୟାଚକୁ ରୋମାଂଚକ ସ୍ଥିତିରେ ପଂହଚାଇ ଦେଇଥିଲେ । ନିର୍ଣ୍ଣାୟକ ମୁକାବିଲାରେ ପ୍ରତ୍ୟୁଷ ବାଜି ମାରିଥିଲେ । ପୂର୍ବରୁ ୨୨ ବର୍ଷୀୟ ଏହି ପ୍ରତିଭାବାନ ଖେଳାଳି କ୍ୱାର୍ଟର ଫାଇନାଲରେ ପଶ୍ଚିମବଙ୍ଗର ରୋହନ ମଣ୍ଡଳଙ୍କୁ ୬-୩ ଓ ୬-୪ ସେଟରେ ଏବଂ ସେମିଫାଇନାଲରେ ଶୌନକ ଚାଟାର୍ଜୀଙ୍କ ୬-୩, ୬-୨ରେ ହରାଇଥିଲେ । ଏହି ବିଜୟ ଯୋଗୁ ସେ ୨୦ ପଂଏଟ ହାସଲ କରିଛନ୍ତି । ଆଇଟା ର୍ୟାଙ୍କିଙ୍ଗରେ ସେ ଏବେ ୬୦ରୁ ୫୦ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି । ଏହି ବିଜୟ ମୋତେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମ୍ୟାଚ ପରେ ପ୍ରତ୍ୟୁଷ କହିଛନ୍ତି । ସେ ଏବେ ଭୁବନେଶ୍ୱରର ଆଲଟେଭଲ-କିଟ ଆଲେକଜାଣ୍ଡର ୱାସ୍କେ ଟେନିସ ଏକାଡେମୀରେ ପ୍ରଶିକ୍ଷଣ ନେଉଛନ୍ତି । ବିଭିନ୍ନ ବୟସ ବର୍ଗରେ ସେ ୮ରୁ ଅଧିକ ଟାଇଟଲ ହାସଲ କରିଛନ୍ତି ।

# ରାଜ୍ୟର ୧୨୯ କ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପୁରସ୍କାର ଦେଲେ ସରକାର



ଭୁବନେଶ୍ୱର : ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଅର୍ଜନ କରିଥିବା ରାଜ୍ୟର ୧୨୯ଜଣ ସଫଳ କ୍ରୀଡ଼ାବିତଙ୍କୁ ରାଜ୍ୟ ସରକାର ଆଜି ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି । ୧୫ଟି କ୍ରୀଡ଼ାବର୍ଗର ଏହି କ୍ରୀଡ଼ାବିତମାନଙ୍କୁ ମୋଟ ୧୭ଲକ୍ଷ ୮୩ହଜାର ୫୦୦ଟଙ୍କାର ପୁରସ୍କାର ରାଶି ଦିଆଯାଇଛି । ମିଳିଥିବା ସୂଚନା ଅନୁସାରେ, ଖୋଖୋ କ୍ରୀଡ଼ାବିତଙ୍କୁ ୩.୭୫ଲକ୍ଷ ଟଙ୍କା, କରାଟେ କ୍ରୀଡ଼ାବିତଙ୍କୁ ୩.୫୮ଲକ୍ଷ ଟଙ୍କା, ପେଂଚକ ସିଲେଟ କ୍ରୀଡ଼ାବିତଙ୍କୁ ୨.୬୦ଲକ୍ଷ ଟଙ୍କା ଓ ବୁଶୁ କ୍ରୀଡ଼ାବିତଙ୍କୁ ୧.୯୬ଲକ୍ଷ ଟଙ୍କା, ପାରା-ଆଥଲେଟିକଙ୍କୁ ୧.୧୭ଲକ୍ଷ ଟଙ୍କା, ବେସବଲ୍ ଖେଳାଳୀଙ୍କୁ ୨୪୫୦୦ଟଙ୍କା, ଡାଇକ୍ୱାଣ୍ଡୋଙ୍କୁ ୯୮ହଜାର ଟଙ୍କା, ମୂକବଧିର କ୍ରିକେଟ୍ ଖେଳାଳୀଙ୍କୁ ୬୨୫୦୦ଟଙ୍କା, ଚେସ୍ କେଳାଳୀଙ୍କୁ ୫ହଜାର, ସନ୍ତରଣକାରୀଙ୍କୁ ୩୭ହଜାର, ଭାରୋତୋଳନ କାରୀଙ୍କୁ ୪୪ହଜାର, ପାରା ସନ୍ତରଣକାରୀଙ୍କୁ ୫୩ହଜାର, ପାରା-ବ୍ୟାଡ୍‌ମିଂଟନକାରୀଙ୍କୁ ୩୦ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଆଜିର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଯୋଗ ଦେଇ ଏହି ଅର୍ଥ ପୁରସ୍କାର ପ୍ରଦାନ କରିଥିବା ଜଣାପଡ଼ିଛି ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Chief Editor- **Dulal Mishra,** ମୁଖ୍ୟ ସମ୍ପାଦକ-ଦୁଲାଲ ମିଶ୍ର, Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**